# ପରିବର୍ତ୍ତନର ପ୍ରତିଚ୍ଛବି

## ପେଡାଲ୍ ପମ୍ପ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ସଫଳ କାହାଣୀ



ପ୍ରକଳ୍ପ କାର୍ଯ୍ୟାନ୍ୱୟନ

ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍, ଭୁବନେଶ୍ୱର, ଓଡ଼ିଶା

ସହଯୋଗ ଓ ସହାୟତା

Aqua Alimenta ଆକ୍ୱା ଆଲିମେଣ୍ଟା, ସୁଇଜରଲ୍ୟାଣ୍ଡ

# ପରିବର୍ତ୍ତନର ପ୍ରତିଛବି

## ପେଡାଲ୍ ପମ୍ପ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ସଫଳ କାହାଣୀ

ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଓ ରୂପାୟନ

ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍, ଭୁବନେଶ୍ୱର, ଓଡିଶା

ସହଯୋଗ ଓ ସହାୟତା

ଆକ୍ୱା ଆଲିମେଣ୍ଟା, ସୁଇଜରଲ୍ୟାଣ୍ଡ

**କପି ରାଇଟ୍**

ଏହି ପୁସ୍ତିକାଟି ଆଇ-କନ୍‌ସେପ୍ଟ ଇନିସିଏଟିଭସ୍, ଭୁବନେଶ୍ୱରଙ୍କ ଏକାନ୍ତ ନିଜସ୍ୱ ଏବଂ ପେପ୍ ପ୍ରକଳ୍ପର ସଫଳତାର ଏକ ଆଇନା। ଏହାକୁ ଅନ୍ୟ କୌଣସି ବ୍ୟକ୍ତି ବା ଅନୁଷ୍ଠାନ ବା ସଂସ୍ଥା ନିଜର ବୋଲି ଦାବି କରିପାରିବେ ନାହିଁ କି ପ୍ରକାଶ କରିପାରିବେ ନାହିଁ।

ପ୍ରଥମ ପ୍ରକାଶନ: ୨ ୦ ୧ ୫

**କାହାଣୀ ସଂଗ୍ରହ ଓ ଆଲେଖ୍ୟ**

ଉମାକାନ୍ତ ପାତ୍ର
ଦୀପକ କୁମାର ମହାନ୍ତି
ସରିତା ପ୍ରଧାନ

**ପ୍ରଚ୍ଛଦ**

ସୁଦୀପ୍ତା କାନୁନ୍‌ଗୋ

**ସଙ୍କଳନ ଓ ପ୍ରକାଶନ**

ଆଇ-କନ୍‌ସେପ୍ଟ ଇନିସିଏଟିଭସ୍, ଭୁବନେଶ୍ୱର

# ମୁଖବନ୍ଧ

ବର୍ତ୍ତମାନର ମହଙ୍ଗା ଯୁଗରେ ଯେତେ ସମ୍ଭବ ଖର୍ଚ୍ଚ କାଟ କରି ଜୀବିକା ଉପାର୍ଜନ କରୁଥିବା ଲୋକଟି ହିଁ ପ୍ରକୃତ ଚତୁର ବ୍ୟକ୍ତି। ଯଦି ଉପାର୍ଜନ ମାର୍ଗର ବିକଳ୍ପ ପନ୍ଥା ନାହିଁ; ତେବେ ନିର୍ଦ୍ଧାରିତ ପନ୍ଥାରେ ରୋଜଗାର କରିବା ପାଇଁ କରାଯାଉଥିବା ବିନିଯୋଗକୁ ସର୍ବନିମ୍ନ ସ୍ତରକୁ ଆଣି ଅଧିକ ଫଳ ପାଇବା ଟି ହିଁ ବୁଦ୍ଧିମାନର କାମ ହେବ। ନାମମାତ୍ର ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ପେଡାଲ୍ ପମ୍ପ (ପେପ୍)ଟି ଯେ, କେବଳ ଚାଷୀମାନଙ୍କ ଜଳ ସେଚନ ପାଇଁ କରୁଥିବା ବ୍ୟୟକୁ ରୋକିଥାଏ, ତାହା ନୁହେଁ ବରଂ ଏହା ପରିବେଶ ସନ୍ତୁଳନରେ ମଧ ସାହାଯ୍ୟ କରଥାଏ। ପେପ୍‌ରେ ଅନ୍ୟ କୌଣସି ଦେଶୀୟ ଜ୍ଞାନ କୌଶଳରେ ନିର୍ମିତ ଜଳ ସେଚନ ପ୍ରଣାଳୀ ଠାରୁ କମ୍ ପରିଶ୍ରମ କରିବାକୁ ପଡୁଥିବା ବେଳେ ଯାନ୍ତ୍ରିକ ଜଳ ସେଚନ ପ୍ରଣାଳୀ ଭଳି ବାୟୁମଣ୍ଡଳକୁ ହାନିକାରକ ଅଙ୍ଗାରକାମ୍ଳ ବା ଅନ୍ୟାନ୍ୟ ବିଷାକ୍ତ ବାୟୁ ଛାଡିବାରୁ ନିବୃତ୍ତ ରୁହେ। ଏଥିରେ ପ୍ରାୟତଃ ପରିଚାଳନାଗତ ତୃଟି ରହୁନଥିବାରୁ ସହଜରେ ନାମମାତ୍ର ଚାଷୀମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇପାରିଛି। ଅନ୍ୟ ଅର୍ଥରେ କହିବାକୁ ଗଲେ ଏହା ଅତି ମାତ୍ରାରେ ଚାଷୀମାନଙ୍କ ପାଇଁ କୃଷି ଉପଯୋଗୀ ଏବଂ ଏକ ବିଶ୍ୱସୀ ବନ୍ଧୁର ପରିଚୟ ଦେଇପାରିଛି।

ଓଡିଶାରେ ପେପ୍ ପ୍ରକଳ୍ପଟିକୁ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଏବଂ ପୁରୀ ଜିଲ୍ଲାର ନିମାପଡା ବ୍ଲକ୍‌ରେ ରୂପାୟନ କରିବା ପାଇଁ ସୁଇଜରଲ୍ୟାଣ୍ଡର ଅନୁଷ୍ଠାନ (ଆକ୍ୱା ଆଲିମେଣ୍ଟା) ଓଡିଶାର ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍‌କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏଥି ନିମନ୍ତେ ବୈଷୟିକ ଜ୍ଞାନ କୌଶଳ ସହ ଅନ୍ୟାନ୍ୟ ସହଯୋଗ ପାଇଁ କୋଲକାତା ସ୍ଥିତ ଡିବିସେରି ମଧ ଦାୟିତ୍ୱ ନେଇଥିଲେ। ଏହି ପ୍ରକଳ୍ପ ଅନ୍ତର୍ଗତ ମହାକାଳପଡା ବ୍ଲକ୍‌ରେ ପାଞ୍ଚଗୋଟି ପଞ୍ଚାୟତର ୧୦ ଟି ଗ୍ରାମରେ ୫୦୨ ଜଣ ଏବଂ ପୁରୀ ଜିଲ୍ଲାର ନିମାପଡା ବ୍ଲକ୍‌ର ଦୁଇଟି ପଞ୍ଚାୟତର ଚାରିଗୋଟି ଗ୍ରାମରେ ୧୩୧ ଜଣ ନାମମାତ୍ର ଚାଷୀମାନଙ୍କୁ ହିତାଧିକାରୀ ଭାବେ ଚୟନ କରାଯାଇ ସେମାନଙ୍କ ବାଡି ବଗିଚାରେ ପେଡାଲ୍ ପମ୍ପ ବସାଯାଇଛି। ଏହି ପ୍ରକଳ୍ପଟି ଜୁଲାଇ ୨୦୧୩ ରୁ ମେ ୨୦୧୪ ମସିହା ପର୍ଯ୍ୟନ୍ତ ମହାକାଳପଡା ଏବଂ ନିମାପଡା ବ୍ଲକ୍‌ରେ ଫେବୃୟାରୀ ୨୦୧୫ ରୁ ମେ ୨୦୧୫ ମସିହା ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇଥିଲା। ଏହି ପ୍ରକଳ୍ପ ପାଇଁ ସହଯୋଗର ହାତ ବଢାଇଥିବା ଆକ୍ୱା ଆଲିମେଣ୍ଟା ଓ ଡିବିସେରି ନିକଟରେ ସଂସ୍ଥା ତରଫରୁ କୃତଜ୍ଞତା ଜ୍ଞାପନ କରୁଛି। ଏହି ପ୍ରକଳ୍ପଟିକୁ ସଫଳ ରୂପାୟନ କରିବା ନିମନ୍ତେ ଅକ୍ଲାନ୍ତ ପରିଶ୍ରମ କରିଥିବା କର୍ମଚାରୀମାନଙ୍କ ନିକଟରେ ମଧ ମୁଁ କୃତଜ୍ଞ। ସର୍ବଶେଷରେ ୧୪ ଟି ଗ୍ରାମର ପେଡାଲ୍ ପମ୍ପ କମିଟୀ ଭାଇ ଓ ଭଉଣୀ ଏବଂ ପ୍ରକଳ୍ପର ସମସ୍ତ ହିତାଧିକାରୀ, ଯେଉଁମାନଙ୍କ ବିନା ସହଯୋଗରେ ଏହି ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବା ଅସମ୍ଭବ ଥିଲା, ସେମାନଙ୍କ ନିକଟରେ ମଧ ଆମେ ଚିର ଋଣୀ।

ପ୍ରକଳ୍ପ ଶେଷ ହେବାର ଛଅ ମାସ ପରେ ନିଜ କାର୍ଯ୍ୟାନ୍ୱୟନର ପ୍ରଭାବ ଜାଣିବା ପାଇଁ ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍ କେତେକ ହିତାଧିକାରୀମାନଙ୍କୁ ଭେଟି ସେମାନଙ୍କର ପରିବର୍ତ୍ତନର ଆକଳନ କରିବାକୁ ଚେଷ୍ଟା କରିଥିଲା। ସମସ୍ତଙ୍କ ପାଖରେ ପହଞ୍ଚିବା ପାଇଁ ଆବଶ୍ୟକୀୟ ସମଳ ଅଭାବରୁ ମାତ୍ର ଆଠ ଜଣ ହିତାଧିକାରୀମାନଙ୍କ ମୁହଁରୁ ସେମାନଙ୍କ ଅନୁଭୂତିର କାହାଣୀ ଶୁଣି ଏହାକୁ ଲିପିବଦ୍ଧ କରିବାର ନିଷ୍ପତ୍ତି କ୍ରମେ ଜନ୍ମ ନେଇଛି ଏହି ପୁସ୍ତିକା, '**ପରିବର୍ତ୍ତନର ପ୍ରତିଛବି**'। ଆଶା ଏହି ପୁସ୍ତିକାଟି ସଂସ୍ଥାର କର୍ମଚାରୀ, ପେପ୍ ହିତାଧିକାରୀ ଏବଂ ସର୍ବୋପରେ ସହଯୋଗୀ ଅନୁଷ୍ଠାନମାନଙ୍କୁ ଆଗକୁ ବଢିବା ପାଇଁ ପ୍ରେରଣା ଓ ସାହସ ଯୋଗାଇବ।

ଶ୍ରୀଯୁକ୍ତ ପ୍ରବୋଧ ମହାନ୍ତି
କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ,
ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍

# କାହାଣୀର ଠିକଣା


ଭିନ୍ନକ୍ଷମର ଆଶାବାଡି ପେଡାଲ୍ ପମ୍ପ ୦୧

ଘରେ ଶାନ୍ତି ଆଣିଲା ପେଡାଲ୍ ପମ୍ପ ୦୪

ପୁଅ ମୁହଁର ହସ ଫେରାଇଲା ପେଡାଲ୍ ପମ୍ପ ୦୭

ଚିନ୍ତାଦୂରକାରୀ ପେଡାଲ୍ ପମ୍ପ ୦୯

ଜୀବିକା ଉପାର୍ଜନକୁ ସୁଗମ କଲା ପେଡାଲ୍ ପମ୍ପ ୧୨

'ପେଡାଲ୍ ପମ୍ପ ଅଛି ମୋ ସାଥିରେ; ଘର ତିଆରିବି ବୁଢ଼ ବର୍ଷରେ' ୧୪

ମନରେ ନୂଆ ଆଶା ଭରିଛି ପେଡାଲ୍ ପମ୍ପ ୧୬

'ପେଡାଲ୍ ପମ୍ପ ହେଉଛି ମୋ ସାହା ଭରସା' ୧୯

# ଭିନ୍ନକ୍ଷମର ଆଶାବାଡି ପେଡାଲ୍ ପମ୍ପ

"ମୋ ଝିଅ ବାହାଘରକୁ ଅଳି କଲା ତାକୁ ହଳେ ଝୁମୁକା ଲଗା ସୁନ୍ଦର ରୂପା ପାଉଁଜି ଦରକାର। ତା' ବାହାଘର ପାଇଁ ମୁଁ ଆଗରୁ ସଜବାଜ ହୋଇଥିଲେ ବି, ମୋ ଭଳି ଜଣେ ଭିନ୍ନକ୍ଷମ ଛୋଟା ଲୋକ ପକ୍ଷରେ ଦୁଇ ହଜାର ଟଙ୍କା ସହସା ଯୋଗାଡ କରିବା କାଠିକର ପାଠ ଥିଲା।

**ଗଲା ବର୍ଷ ବିଭିନ୍ନ ପନିପରିବା ଓ ଶାଗ ଆଦି ବିକ୍ରି କରି ଆମେ ପ୍ରାୟ ଟ୨୧,୦୦୦/-ଙ୍କା ପାଇଥିଲୁ। ସେଥିରୁ ୧୫ ହଜାର ଟଙ୍କା ମଝିଁଆ ଝିଅ ନାଁରେ ବ୍ୟାଙ୍କରେ ରଖିଛି। ତା' ବାହାଘରକୁ କାମରେ ଆସିବ।**

ସେହି ସମୟରେ ପେଡାଲ୍ ପମ୍ପ ଦ୍ୱାରା ବାଡିରେ ହୋଇଥିବା କିଛି ପନିପରିବା ପ୍ରଥମ ଥର ବିକ୍ରି କରି ଦୁଇ ହଜାର ଟଙ୍କା ପାଇଲି; ଆଉ ଝିଅକୁ ତା' ବାହାଘର ଦିନ ଏକ ରୂପା ପାଉଁଜି ଦେଲି, ସେ ଖୁସିରେ ଆତ୍ମହରା ହୋଇପଡୁଥିଲା; ହେଲେ ମୋର କୃତଜ୍ଞତା ନୟନ ଚାହିଁ ରହିଥିଲା ମୋ ଦାଣ୍ଡ ଦୁଆରର ଠିକ୍ ଅନତି ଦୂରରେ ବସିଥିବା ପେଡାଲ୍ ପମ୍ପ ଉପରେ।"

"କାଲି ଭଳି ମନେଅଛି। ଆଜକୁ ପ୍ରାୟ ବର୍ଷେ ତଳେ ଦିନେ ମୁଁ ମୋ ହ୍ୱିଲ୍ ଚେୟାର୍‌ରେ ଘରକୁ ଫେରୁଥାଏ। ଗାଁ ଛକ ଉପରେ ଏକ ପୋଷ୍ଟର ଉପରେ ମୋର ନଜର ପଡିଲା। ସେଥିରେ ଜଣେ ବୟସ୍କ ଲୋକ ପେଡାଲ୍ ପମ୍ପ ଚଳାଇ ପରିବା ଚାଷ କରୁଥିବାର ଛବି ମତେ ଆନ୍ଦୋଳିତ କଲା। ମୁଁ ମନେ ମନେ ସ୍ଥିର କଲି ମୁଁ ତ ଏହି ପମ୍ପକୁ ସହଜରେ ଚଲାଇ ନିଜ ବାଡି ବଗିଚାରେ ଯେତିକି ଟିକିଏ ପରିବା ଚାଷ କରୁଛି ତାକୁ ବଢାଇ ପାରିବି। ପୋଷ୍ଟରଟି ଲଗାଯାଇଥିବା ଦୋକାନୀ ଭାଇନାଙ୍କୁ ସେହି ପମ୍ପ ବିଷୟରେ ପଚାରିଲି। ଆମ ଗାଁରେ ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍ ବୋଲି ଏକ ସଂସ୍ଥା ଏକ ପେଡାଲ୍ ପମ୍ପ କମିଟୀ ଗଠନ କରିଥିବା କଥା କହିବା ସହ ଉକ୍ତ କମିଟୀର ଆବାହକ ଶ୍ରମତୀ ଜୟନ୍ତି ବିଶ୍ୱାସ ଓ କୋଷାଦକ୍ଷ ରଞ୍ଜିତ୍ ମଜୁମ୍‌ଦାରଙ୍କୁ ଭେଟିବାକୁ କହିଲେ। ମନରେ ସାହସ ବାନ୍ଧିଲି ଏବଂ ଉକ୍ତ ପମ୍ପ ପାଇଁ ମତେ ଜଣେ ହିତାଧିକାରୀ ଭାବେ ବାଛିବାକୁ ଅନୁରୋଧ କଲି। ମୋର ଇଚ୍ଛାଶକ୍ତି ଦେଖି କମିଟୀ ସଦସ୍ୟ ଓ ସଦସ୍ୟାମାନେ ମତେ ଆଶ୍ୱାସନା ଦେଲେ ଏବଂ ହିତାଧିକାରୀ ଭାବେ ଚୟନ କଲେ। ସେମାନଙ୍କ କହିବା ମୁତାବକ ମୁଁ ୧୨ ଖଣ୍ଡ ଗୋଟା ଇଟା, ଦେଢ ଫୁଟ୍ ଲେଖାଏଁ ବାଲି ଓ ବଜୁରୀ ମହଜୁଦ କରି କମିଟୀକୁ ଖବର ଦେଲି। ତା'ପର ଦିନ ମୋ ବାଡିରେ ଥିବା ଛୋଟ ପୋଖରୀ କୂଳରେ ପେଡାଲ୍ ପମ୍ପ ବସାଇବା କାମ



ଆରମ୍ଭ ହେଲା। ମୁଁ ମନେ ମନେ ଖୁସି ହେଲି!," ବୋଲି କୁହନ୍ତି ହିମାଂଶୁ ମଣ୍ଡଳ।



ଏହା ପରଠୁ କେବେ ପଛକୁ ଫେରି ଚାହିଁ ନାହାଁନ୍ତି ହିମାଂଶୁ। କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ୍ ଅନ୍ତର୍ଗତ ଖରିନାସୀ ଗ୍ରାମରେ ହିମାଂଶୁଙ୍କର ଜନ୍ମ। ପିଲାଟି ଦିନରୁ ନିଜ ଛୋଟା ଗୋଡ ପାଇଁ ଅନେକ କଟାକ୍ଷ ଶୁଣିଛନ୍ତି ସେ। ପାଠ ପଢିବାକୁ ଗଲାବେଳେ କିଏ ତାଙ୍କୁ ଛୋଟା ବୋଲି କହିଛି ତ, କିଏ ତାଙ୍କୁ ମା'ବାପାଙ୍କର ପୂର୍ବ ଜନ୍ମର କୌଣସି ପାପର ଫଳର ଆଖ୍ୟା ଦେଇଛନ୍ତି। ସେ ସବୁକୁ କେବେ ବି ଖାତିର୍ କରିନାହାଁନ୍ତି ହିମାଂଶୁ ଏବଂ ଆତ୍ମସମ୍ମାନର ସହ ବଞ୍ଚିବା ସକାଶେ ନିଜ ବାପା ଶିଖେଇଥିବା ପଥରେ ଚାଲିବା ପାଇଁ ସର୍ବଦା ଚେଷ୍ଟା କରିଆସିଛନ୍ତି। ବାହାଘର ପରେ ଓ ବାପାଙ୍କ ଅନ୍ତେ ତାଙ୍କର ଅକ୍ଷମତା ପାଇଁ ତାଙ୍କୁ ନିଜ ଉପରେ ବୋଝ ବୋଲି ଭାବି ଅନ୍ୟ ଭାଇମାନେ ତାଙ୍କୁ ଅଲଗା କରିଦେଲେ; ହେଲେ ସେଥିରେ ଭାଙ୍ଗି ନପଡି ନିଜ ଜୀବନ ସଂଗ୍ରାମକୁ ସର୍ବଦା ସାହାସର ସହ ସାମ୍ନା କରିଆସିଥିବା ହିମାଂଶୁ ନିଜ ପତ୍ନି ପୂର୍ଣ୍ଣିଙ୍କ ସହଯୋଗରେ କିଛି ପୈତୃକ ଜମିରେ ଧାନ ଚାଷ ସହ ନିଜ ବାଡି ବଗିଚାରେ ପରିବା ଚାଷ ଆରମ୍ଭ କରନ୍ତି। ନିଜର ଚେଷ୍ଟା ବଳରେ ୭୦ ପ୍ରତିଶତ ଭିନ୍ନକ୍ଷମର ପ୍ରମାଣପତ୍ର ପାଇ ଚାଷ ସଂରଜାମ ପାଇଁ ସବ୍‌ସିଡି ଏବଂ ଭିନ୍ନକ୍ଷମ ଭତ୍ତା ଭଳି କିଛି ସରକାରୀ ସହଯୋଗରେ ଗୁଜୁରାଣ ମେଣ୍ଟାଉଥିଲେ।

ଏହି ଭିତରେ ପୁଅ ଟିଏ ପାଇଁ ମନରେ ଆଶା ବାନ୍ଧି ସେ ପାଞ୍ଚୋଟି କନ୍ୟାରତ୍ନର ପିତା ହୋଇସାରିଥିଲେ। ପରିବାରରେ ସର୍ବଦା ଅଭାବ ଅନାଟନ ଲାଗିରହିଥିଲେ ସୁଦ୍ଧା ହିମାଂଶୁ କେବେ ବି କାହା ନିକଟରେ ହାତ



ପତାଇନଥିବା ଦୃଢତାର ସହ କୁହନ୍ତି। ଚାଷ ଜମିରୁ ଧାନ, ପ୍ରାୟ ଏକ ଡେସିମିଲ୍ ବାଡି ବଗିଚାରୁ ଯାହା କିଛି ହୁଏ, ସାତ ପ୍ରାଣୀ କୁଟୁମ୍ବ ସୁଖେ ଦୁଃଖେ ଚଳିଯା'ନ୍ତି। ବାଡି ବଗିଚାରେ ପରିବା ଟିକେରେ ପାଣି ମଡେଇବା ପାଇଁ ବର୍ଷର ପ୍ରାୟ ଦଶ ମାସ ତାଙ୍କ ସ୍ତ୍ରୀ ଓ ବଡ ଦୁଇ ଝିଅ ଅକ୍ଲାନ୍ତ ପରିଶ୍ରମ କରନ୍ତି; ତେଣୁ ବଗିଚାରେ ଆଉ ଅଧିକ ଜାଗା ଓ ମନରେ ଇଛା

ଥିଲେ ମଧ୍ୟ ଅଧିକ ପରିବା ଚାଷ କରିପାରୁନଥିଲେ। ଏହି ସମୟରେ ପେଡାଲ୍ ପମ୍ପ ଦେବଦୂତ ଭଳି ତାଙ୍କ ପାଖରେ ପହଞ୍ଚିଥିବା କୁହନ୍ତି ହିମାଂଶୁ ଓ ତାଙ୍କର ପରିବାର।



"ପେଡାଲ୍ ପମ୍ପ ତ' ଆମ ପାଇଁ ଭଗବାନଙ୍କ ଆର୍ଶୀବାଦ। ପୂର୍ବରୁ ମୁଁ କେବଳ ଗୋଟେ ଡିସିମିଲ୍ ଘରବାଡିରେ କୂଅ ଓ ପୋଖରୀରୁ ପାଣି ଆଣି ଭେଣ୍ଡି, ଶାଗ, କାକୁଡି, କଞ୍ଚା ଲଙ୍କା ଓ ଅଳ୍ପ କିଛି ବାଇଗଣ ଏବଂ ଟମାଟୋ ଚାଷ କରୁଥିଲି। ପମ୍ପ ବସାଇବା ପରେ ଆମେ ବର୍ତ୍ତମାନ ପ୍ରାୟ ୧୭-୧୮ ଡିସିମିଲ୍ ଜାଗାରେ ପୂର୍ବରୁ କରୁଥିବା ପନିବାରିବା ଚାଷ ସହ ଝୁଡଙ୍ଗ, ଶାରୁ, ଅଦା, ବୋଇତି କଖାରୁ ଓ ପାଣି କଖାରୁ, ମକା, ଓଲ କୋବି, କଦଳୀ, ସଜନା ଆଦି ଭଳି ଅନେକ କିଛି ଚାଷ କରିପାରୁଛୁ। ଏହା ଚଳାଇବା ଅତି ସହଜ ହୋଇଥିବାରୁ ମତେ ବି ପାଣି ମଡାଇବା ପାଇଁ କିଛି ଅସୁବିଧା ହେଉନାହିଁ। ବର୍ତ୍ତମାନ ମୁଁ ଆଉ ହାଟରୁ ଘରକୁ କିଛି ପରିବା ଆଣୁ ନାହିଁ ବରଂ ବର୍ଷ ତମାମ ଘରେ ଚଳିଲା ଭଳି ପନିପରିବା ବାଡିରୁ ମିଳୁଛି ଏବଂ ଅନେକ ବଳକା ପରିବା ହାଟ ବଜାରରେ ବିକ୍ରି କରିପାରୁଛି। ବର୍ତ୍ତମାନ ମୁଁ ଦୁଇ ଝିଅଙ୍କ ବାହାଘର କରିସାରିଛି। ସାନଟି ଦ୍ୱିତୀୟ ଓ ସାନ ମଝିଁଆ ଚତୁର୍ଥ ଶ୍ରେଣୀରେ ପାଠ ପଢୁଛନ୍ତି। ମଝିଁଆ ଝିଅ ଦଶମ ପରୀକ୍ଷା ଦେଇ ଘରେ ରହିଲା। ସେ ମା'କୁ ଘର କାମରେ ସାହାଯ୍ୟ କରୁଛି। ଗଲା ବର୍ଷ ବାଇଗଣ ଝୁଡଙ୍ଗ, କାକୁଡି, ଶାରୁ, ଅଦା, ଟାମଟୋ, ମକା, ଓଲ କୋବି, କଖାରୁ, ଭେଣ୍ଡି ଏବଂ ଶାଗ ଆଦି ବିକ୍ରି କରି ଆମେ ପ୍ରାୟ ଟ୨୧,୦୦୦/-ଙ୍କା ପାଇଥିଲୁ। ସେଥିରୁ ୧୫ ହଜାର ଟଙ୍କା ମଝିଁଆ ଝିଅ ନାଁରେ ବ୍ୟାଙ୍କରେ ରଖିଛି। ତା' ବାହାଘରକୁ କାମରେ ଆସିବ। ଆଉ ଛଅ ହଜାର ଟଙ୍କାରେ ଚଳିତ ବର୍ଷ ମଞ୍ଜି, ସାର, କୀଟ ନାଶକ ଆଦି କିଣିବା ସହ କିଛି ଘର ଖର୍ଚ୍ଚ ହୋଇଛି। ଆଗାମୀ ବର୍ଷ ଅଧିକ ପରିମାଣର ଅଦା, ଶାରୁ ଏବଂ ବାଇଗଣ କରିବୁ କାରଣ ଏଥିରୁ ଲାଭ ଅଧିକ ମିଳୁଛୁ।"

ବର୍ତ୍ତମାନ ହିମାଂଶୁ ଭିନ୍ନକ୍ଷମ ବୋଲି ପରିଗଣିତ ହେଉ ନାହାଁନ୍ତି। ସେ ନିଜ ଗ୍ରାମର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟୀର ସମ୍ପାଦକ ଓ ଅଙ୍ଗନୱାଡି କେନ୍ଦ୍ର ଜାଞ୍ଚ କମିଟୀର ଜଣେ ସକ୍ରିୟ ସଦସ୍ୟ ଭାବେ ନିଜର ଦାୟିତ୍ୱ ତୁଲାଉଛନ୍ତି ଏବଂ ସମସ୍ତ ସାମାଜିକ, ସାଂସ୍କୃତିକ ଆନୁଷ୍ଠାନିକ କାମରେ ଆଗଭର ହୋଇ ହିମାଂଶୁ ଆଜି ଜଣେ ସୁସ୍ଥ ଓ ସବଳ ବ୍ୟକ୍ତି ବିଶେଷ ଭାବେ ପରିଗଣିତ ହୋଇପାରିଛନ୍ତି।

"ଭଗବାନଙ୍କ ଦୟାରୁ ବର୍ତ୍ତମାନ ମୋର ଆଉ କିଛି ଅସୁବିଧା ହେଉ ନାହିଁ। ପୁଅ ନଥିଲେ କ'ଣ ହେଲା ? ଯେତେଦିନ ଯାଏଁ ମୋ ପାଖରେ ପେଡାଲ୍ ପମ୍ପ ଥିବ ସେତେ ଦିନ ପର୍ଯ୍ୟନ୍ତ ପରିବା ଚାଷ କରୁଥିବୁ ଏବଂ ଆମର କିଛି ଅସୁବିଧା ହେବ ନାହିଁ। ଆମେ ବୁଢା ବୁଢି ହୋଇଗଲେ ବି ଏହି ପେଡାଲ୍ ପମ୍ପ ଆମ ପାଇଁ ପୁଅ ଭଳି ସାହା ହେଉଥିବ।," ବୋଲି କୁହନ୍ତି ହିମାଂଶୁ।

# ଘରେ ଶାନ୍ତି ଆଣିଲା ପେଡାଲ୍ ପମ୍ପ

"ଏ ବୟସରେ ଆଉ କାହା ଦୁଆରେ ଯାଇ କାମ କରି ପାରୁନି । କ'ଣ କରିବି ଆଜ୍ଞା ? ହାତ ଗୋଡ ଚଳୁଥିବା ପର୍ଯ୍ୟନ୍ତ ନିଜ ବାଡି ବଗିଚାରେ ଯାହା ଟିକେ କରିହେବ । କି ପୁଅ ବୋହୁ ଆଜ୍ଞା ? ହାତ ଗୋଡ ଚାଲୁଥିଲେ, ଦି ପଇସା ହାତକୁ ଆସୁଥିଲେ, ସମସ୍ତେ ନିଜର... ନହେଲେ ଓଳିର କୁକୁର ! ମୁଁ କାହା ଉପରେ ବୋଝ ହେବାକୁ ଚାହୁଁନି ଆଜ୍ଞା ! ବାର୍ଦ୍ଧକ୍ୟ ଭତ୍ତା ଟ ୩୦୦/-ଙ୍କା ମିଳୁଛି । ନିଜ ଔଷଧ ପତ୍ର ଖର୍ଚ୍ଚ ଚଳୁଛି । ତା' ଛଡା ଆମେ ହେଲୁ କାମିକା ଲୋକ । ଘରେ ଖାଲିରେ ବସିବା ପାଇଁ ବି ଭଲ ଲାଗୁନି । ନିଜର କେଇ ମାଣ ଜମିରେ ପୁଅମାନେ ଧାନ ଚାଷ କରୁଛନ୍ତି । ମୁଁ ଓ ମୋ ସ୍ତ୍ରୀ ମିଶି ଘର ଓଳି ତଳେ ଶାଗ ଓ ପନିପରିବା ଟିକେ କରୁଥିଲୁ । ପାଣିର ବଡ ଅସୁବିଧା ହେଉଥିଲା । ବୁଢି ଟା' ପାଣି ବୋହି ବୋହି ତା' ଅଣ୍ଟା ପିଠି ପଡିଯାଉଥିଲା ! ଭାବୁଥିଲି ଆଉ କରି ହେବ କି ନାହିଁ ? କିନ୍ତୁ ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍ ବସାଇଥିବା ପେଡାଲ୍ ପମ୍ପ ମୋ ମନର ଆଶାକୁ ଦ୍ୱିଗୁଣିତ କରିଦେଇଛି । ପମ୍ପ ବସିବା ପର ଠାରୁ ନିଜ ବାଡି ବଗିଚାରେ ଓଲ କୋବି,



**ପିଲାମାନଙ୍କ ଦେହରେ ଟିକେ ଆଘାତ ଲାଗିଲେ କିଏ ସହିବ ? ଯେତେ କଷ୍ଟ ହେଉଥିଲେ ବି ବାଡି ବଗିଚାରେ ପରିବା ଚାଷ ଟିକେ କରିବା ଥୟ ! ମାତ୍ର ଏ ବୁଢା ବୟସରେ ଟେଣ୍ଡା କିମ୍ବା ବାଲ୍‌ତିରେ ପାଣି ମଡାଇବା କେତେ ଯେ କଷ୍ଟ... ଯିଏ କରୁଛି ସେ ହିଁ ଜାଣିଛି ।**

ଫୁଲ କୋବି, ବିଲାତି ଆଳୁ, ବାଇଗଣ, ଶାରୁ, ପାଳଙ୍ଗ, ଖଡା, ଲେଉଟିଆ, କଞ୍ଚା ଲଙ୍କା ଟିକେ କରୁଛି । ଖାଲି ଖରା ଦି'ମାସ ଛଡା ବର୍ଷ ଯାକ ବାଡିରେ କିଛି ନା କିଛି ହେଉଛି । ଘରେ ଚଳି ବଳକା ହେଲେ ସକାଳୁ ସକାଳୁ ପୁଅମାନେ ଛକ ବଜାରରେ ବିକ୍ରି କରୁଛନ୍ତି । କିଏ କେମିତି ଘରକୁ ଆସି ଖୋଜିଲେ ସ୍ତ୍ରୀ ନଚେତ୍ ବୋହୁମାନେ ମଧ ବିକ୍ରି କରିପାରୁଛନ୍ତି । ବର୍ତ୍ତମାନ ପୁଅ-ବୋହୂ, ନାତି-ନାତୁଣୀ ସମସ୍ତେ ଖୁସି ଅଛନ୍ତି । ଆମେ ବୁଢା ବୁଢୀ ଦିଇଟା ସେମାନଙ୍କ ଉପରେ ବୋଝ ବୋଲି କେହି ଭାବୁ ନାହାଁନ୍ତି," ବୋଲି କୁହନ୍ତି ୬୫ ବର୍ଷିୟ ସୁକୁମାର ଜାନା ।

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ଖରିନାସୀ ପଞ୍ଚାୟତର ଏକ ଛୋଟିଆ ଅନୁସୂଚିତ ଜାତିର ଗାଁରେ ସୁକୁମାର ଜାନାଙ୍କ ଜନ୍ମ । ତାଙ୍କ ବାପା ଏଠାକୁ ପଶ୍ଚିମବଙ୍ଗରୁ ଆସିଥିବା କୁହନ୍ତି ସୁକୁମାର । ବର୍ତ୍ତମାନର ପରିବାର କହିଲେ, ସ୍ତ୍ରୀ ଅଞ୍ଜଳୀ, ତିନି ପୁଅ, ଦୁଇ ବୋହୁ, ଦୁଇଟି ନାତୁଣୀ, ଗୋଟିଏ ନାତି ଏବଂ ଝିଅ । ଏତେ ବଡ ପରିବାରର ସାହା ଭରଷା କେବଳ କେଇ ମାଣ ଚାଷ ଜମି । ନିଜ ଜମି ଛଡା ଅନ୍ୟ କାହା କାହା ଜମି ଆଣି ଭାଗ ଚାଷରେ ଯାହା ବର୍ଷକୁ

ଧାନ ଗଣ୍ଡେ ମିଳେ ତାହା ବର୍ଷ ତମାମ୍ ଯିବା ବି କଷ୍ଟକର ହୁଏ; ସେଥି ପାଇଁ ସାନ ପୁଅ କେରଳ ଯାଇ ସେଠାରେ କେଉଁ ଏକ କାରଖାନାରେ କାମ କରେ। ବଡ ଓ ମଝିଁଆ ପୁଅ ଚାଷ କାମ ଛଡା ପ୍ରାୟ ଚାରି ରୁ ଛଅ ମାସ ପର ବାଡିରେ ଦିନ ମଜୁରୀଆ ଭାବେ କାମ କରନ୍ତି। ଯାହା କିଛି ରୋଜଗାର ହୁଏ ଦିନଗୁଡିକ କଷ୍ଟେ ମଟେ କଟିଯାଏ।



ଦୈନିକ ଖାଦ୍ୟ ବୋଲି ସେହି ଭାତ ଦି ମୁଠା, କେତେବେଳେ କେମିତି ଡାଲି ଟିକେ, ନହେଲେ ଗାଡିଆର ମାଛ ଟିକେ ଥିଲା କେବଳ ସାହା ଭରଷା। ପନି ପରିବା ତ ବଡ ସ୍ୱପ୍ନ ଥିଲା! ଚାରି ବର୍ଷ ତଳର କଥା ମନେ ପକାଇ ଅଞ୍ଜଳୀ କୁହନ୍ତି, "ଆମ ଭଳି ଲୋକମାନେ ବଜାରରୁ ପନିପରିବା କିଣି ଖାଇବା ବଡ କଷ୍ଟ। ମୋ ନାତିନାତୁଣୀମାନେ ତ ଠିକ୍‌ରେ ମୁଠେ ଖାଇବାକୁ ପାଉ ନଥିଲେ। ଶୁଖିକି କଳା କାଠ ପଡି ଯାଇଥିଲେ। ଏଇ ବାଡିରେ ଟିକେ ପନିପରିବା ହେବା ପର ଠାରୁ ନାତିନାତୁଣୀମାନେ ଏବେ ଟିକେ ଆଖିକୁ ଦେଖାଯାଉଛନ୍ତି। ଏଇ ନାତି ଟୋକାଟା ଜନ୍ମ ବେଳକୁ ତା' ମା' ରକ୍ତ ଅଭାବରୁ ମରୁ ମରୁ ବଞ୍ଚିଛି! ଡାକ୍ତର କହିଥିଲେ ସବୁଜ ପନିପରିବା ଓ ଭିଟାମିନ୍ ଅଭାବରୁ ପିଲାମାନେ ବି ଏମିତି କମ୍ ଓଜନର ହୋଇଛନ୍ତି ଆଉ ମା' ରକ୍ତ ହୀନତାର ଶୀକାର। ଆମେ ତ ଗରୀବ ଲୋକ! ପେଟକୁ ଭଲରେ ମୁଠେ ଦାନା ଯୋଗାଡ କରିବା କଷ୍ଟ; ସେଥିରେ ପୁଣି ପନିପରିବା ଆଣିବୁ କେଉଁଠୁ? ଘରେ ସବୁବେଳେ ଅଭାବ ଅନାଟନ ଯୋଗୁଁ ଅଶାନ୍ତି ଲାଗିରହୁଥିଲା। ତେଣୁ ଚିନ୍ତା କଲୁ ଆମେ ବୁଢା ବୁଢି ଦିଇଟା' ଘରେ ନବସି ନିଜ ଓଳିରେ ଯାହା ସମ୍ଭବ ଟିକେ ପରିପରିବା ଚାଷ କରିବୁ। ନିଜ ମନ କଥା ମନରେ ରଖି ଘରକୁ ଆସିଲୁ। କିଛି ଦିନ ପରେ ବାଡିରେ ଶାଗ, ମରିଚ ଗଛ ଦି'ଟା ଲଗେଇଲୁ। ଲୋକମାନେ ହସିଲେ, କହିଲେ ଏ ଲୁଣା ମାଟି ଆଉ ଲୁଣା ପାଣିରେ କ'ଣ ହେବ? ତଥାପି ମନବଳ ଦୃଢ କରି କାମ ଆରମ୍ଭ କଲୁ। ପ୍ରଥମେ ପ୍ରଥମେ ଭାରି କଷ୍ଟ ହେଉଥିଲା; ପରେ ସବୁ ଦେହ ସୁହା ହୋଇଗଲା। ଆଉ ଚିନ୍ତା ନାହିଁ, କାରଣ ସବୁଠୁ ବଡ ପାଣିର ଅସୁବିଧା ପେଡାଲ୍ ପମ୍ପ ଦୂର କରିଦେଇଛି।"



ସତରେ ! ପେଡାଲ୍ ପମ୍ପ ଯେ ଏଇ ଗରୀବ ପରିବାରଟିକୁ କେତେ ସାହାଯ୍ୟ କରିଛି, ତାହା ନିଜ ଆଖିରେ ଦେଖିବା ଲୋକ ହିଁ ବିଶ୍ୱାସ କରିପାରିବ । ପେଡାଲ୍ ପମ୍ପ ପାଇଁ ତାଙ୍କୁ ହିତାଧିକାରୀ ଭାବେ ଚୟନ କରିଥିବା ଗ୍ରାମ କମିଟୀ ଓ କାର୍ଯ୍ୟାନ୍ୱୟନ କରୁଥିବା ସଂସ୍ଥାର କ୍ଷେତ୍ର ଅଧିକାରୀମାନଙ୍କୁ ନିଜ କୃତଜ୍ଞତା ଜଣାଇ ସୁକୁମାର ଜାନା କୁହନ୍ତି, "ସତରେ ! ପିଲାମାନଙ୍କ ଶୁଖିଲା ଚେହେରା ଦେଖି ହେଉନଥିଲା । ନିଜକୁ ପଛେ ଯେତେ କଷ୍ଟ ହେଉ ସହି ହେବ ହେଲେ ପିଲାମାନଙ୍କ ଦେହରେ ଟିକେ ଆଘାତ ଲାଗିଲେ କିଏ ସହିବ ? ଯେତେ କଷ୍ଟ ହେଉଥିଲେ ବି ବାଡି ବଗିଚାରେ ପରିବା ଚାଷ ଟିକେ କରିବା ଥୟ ! ମାତ୍ର ଏ ବୁଢା ବୟସରେ ଟେଣ୍ଡା କିମ୍ବା ବାଲ୍‌ଟିରେ ପାଣି ମଡାଇବା କେତେ ଯେ କଷ୍ଟ... ଯିଏ କରୁଛି ସେ ହିଁ ଜାଣିଛି । ଭଗବାନଙ୍କୁ ଧନ୍ୟବାଦ ସେ ଆମ ପାଖକୁ ପେଡାଲ୍ ପମ୍ପ ପଠାଇଦେଇଛନ୍ତି ।"

# ପୁଅ ମୁହଁର ହସ ଫେରାଇଲା ପେଡାଲ୍ ପମ୍ପ

ନିଜର ବୟସ ସଠିକ୍ ଭାବେ ମନେ ନଥିଲେ ମଧ ବିଧବା ଭତ୍ତା ପାଉଥିବା ସ୍ନେହଲତାଙ୍କ ବୟସ ପାଖାପାଖି ୫୦ ହେବ। କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ୍ ଅନ୍ତର୍ଗତ ବଉଳକାଣୀ ଗ୍ରାମରେ ତାଙ୍କର ପରିବାର କାହିଁ କେତେ ପୁରୁଷ ହେବ ବସବାସ କରିଆସୁଛନ୍ତି। ସ୍ନେହଲତାଙ୍କ ସ୍ୱାମୀ ଚାଲିଯିବା ପରେ ବଡ ପୁଅ ଗାଁର ମୁରବୀ ଶ୍ରେଣୀୟ ଲୋକଙ୍କୁ ବସାଇ ଚାଷ ଜମି ଦୁଇ ଭାଇଙ୍କ ଭିତରେ ବାଣ୍ଟ କରିଦେଲା; ଆଉ ନିଜ ସ୍ତ୍ରୀ, ପିଲାଛୁଆଙ୍କ ସହ ଅଲଗା ହୋଇଗଲା। ସାନ ପୁଅର ତିନି ଝିଅ। ଚାଷ ଜମିରେ ବର୍ଷରେ ଥରେ ମାତ୍ର ଧାନ ବ୍ୟତିତ ଅନ୍ୟ କିଛି ହୁଏ ନାହିଁ। ତେଣୁ ସାନପୁଅ ସୁନାକର ଦିନ ମଜୁରୀଆ ଭାବେ କାମ କରନ୍ତି। ଅଭାବୀ ପରିବାରକୁ ଚଳାଇବା ପାଇଁ ବୋହୁ ସଂନ୍ଧ୍ୟା ବି ପର ଘରେ କାମ କରନ୍ତି। ତିନି ନାତୁଣୀରୁ ଦି'ଟି ସ୍କୁଲ ଗଲେଣୀ। ସାନ ଟି' ଏ ବର୍ଷ ସ୍କୁଲ୍ ଯିବ। ଘରର ପରିସ୍ଥିତି ଓ ସଞ୍ଜବେଳକୁ ପୁଅ ଘରକୁ ଫେରିବା ପରେ ତା ଶୁଖିଲା ମୁହଁକୁ ଦେଖି ସହି ନପାରି ନିଜ ବାଡି ବଗିଚାରେ ଅଳ୍ପ ଟିକିଏ ପରିବା ଚାଷରୁ ନିଜ ଜୀବନର ଦ୍ୱିତୀୟ ଅଧାୟରେ ପୁଣି ଥରେ ସଙ୍ଘର୍ଷ ଆରମ୍ଭ କରନ୍ତି ସ୍ନେହଲତା।

**ଗଲା ବର୍ଷେ ହେବ ମୁଁ ଓ ମୋ ବୋହୁ ପେଡାଲ୍ ପମ୍ପରେ ବିଭିନ୍ନ ପ୍ରକାର ପରିବା ଚାଷ କରୁଛୁ। ମୋ ବୋହୁକୁ ଆଉ ପର ବାଡିରେ କାମ କରିବାକୁ ଯିବାକୁ ପଡୁନି। ବର୍ଷ ତମାମ ଘର ପାଇଁ ପନିପରିବା ନିଜ ବାଡିରୁ ମିଳୁଛି। ବଳକା ପରିବା ପାଖ ଛପାଲି ଛକ ଓ ରାମନଗରରେ ମୁଁ ନହେଲେ ମୋ ବୋହୁ ବିକ୍ରି କରି ଆମେ ଭଲ ଦି'ପଇସା ରୋଜଗାର ବି କରିପାରୁଛୁ।**



ନିଜ ଜୀବନର ସୁଖଦୁଃଖର କାହାଣୀ ବଖାଣି ସ୍ନେହଲତା ଯେମା କୁହନ୍ତି, "ଅଧା ବୟସରେ ଇଏ ଆର ପାରିକୁ ଚାଲିଗଲା। ବଡ ଟୋକା ନିଜ ସ୍ତ୍ରୀ ବୁଦ୍ଧିରେ ପଡି ଅଲଗା ହୋଇଗଲା। ମୋ କଥା ବି ବୁଝିବ ନାହିଁ ବୋଲି ସଫା ସଫା କହିଦେଲା। ମୁଁ ସାନ ପୁଅ- ବୋହୁ, ତିନି ନାତୁଣୀଙ୍କ ସହ ରହିଲି। ସାନ ପୁଅ ପୈତୃକ ଚାଷ ଜମିରୁ ଯାହା ଗଣ୍ଡେ ଧାନ ଅମଳ କରେ ତାହା ୬ ରୁ ୭ ମାସ ଚଳିଯାଏ। ଛଅ ପ୍ରାଣୀ କୁଟୁମ୍ବ ପେଟରେ ଦାନା ମୁଠେ ଦେବା ପାଇଁ ଦିନ ମଜୁରୀଆ ଭାବେ କାମ କରେ। ଅଧିକ ଅଭାବ ହେବାରୁ ବୋହୁ ବି ଘର ଏରୁଣ୍ଡି ଡେଇଁ ପର ଦୁଆରେ କାମ କରିବାକୁ ବାହାରିଲା। ମୋର ତ ବୟସ ଏତେ ହେଲାଣି। ଆଉ କା ବାଡିଘରେ କାମ କରିପାରୁନି। କ'ଣ କରିବି ଭାବି ହେଉଥିଲି ? ଏହି ସମୟରେ ଭାବିଲି କିଛି ରୋଜଗାର କରିନପାରିଲେ କ'ଣ ହେଲା, ପରିବାରର କିଛି ଖର୍ଚ୍ଚ ତ କମେଇ ପାରିବି ! ଏହା ଭାବି ନିଜ ଘର ସାମ୍ନା ପୋଖରୀ କୂଳରେ ଶାଗ, ବାଇଗଣ, ବିଲାତି ଆଳୁ, କଦଳୀ ଆଦି ପରିବା ଚାଷ ଆରମ୍ଭ କଲି। ଏହା ଦେଖି ପୁଅ-ବୋହୁ ଟିକେ ଆଶ୍ୱସ୍ତ ହେଲେ। ଦିନସାରା ପୁଅ-

ବୋହୂ କାମକୁ ବାହିରିଗଲା ପରେ ମୁଁ ନାତୁଣୀମାନଙ୍କ ଦାୟିତ୍ୱ ନେବା ସହ ଘରବାଡି କଥା ବୁଝିଲି । ଅଭାବରେ ପଡି ସିନା ପରିବା ଚାଷ ଆରମ୍ଭ କଲି ହେଲେ ଠିକ୍ ସମୟରେ ପାଣି ମଡାଇବା ପାଇଁ ମତେ ବହୁ କଷ୍ଟ କରିବାକୁ ପଡୁଥିଲା । ପୋଖରୀରୁ କଳସୀ ଓ ବାଲ୍ତିରେ ପାଣି ଆଣି ପରିବା ଚାଷ କରିବା ଭାରି କଷ୍ଟ । ଏମିତି ତିନି ବର୍ଷ ବଡ କଷ୍ଟରେ ଚାଲିଗଲା ।”



ଦିନେ ଆମେ ଜାଣିବାକୁ ପାଇଲୁ ଆଇ-କନ୍‌ସେପ୍ଟ ଇନିସିଏଟିଭ୍ସ୍ ବୋଲି ଏକ ସଂସ୍ଥା ପେଡାଲ ପମ୍ପ ଯୋଗାଇ ଦେଉଛି । ଏହାକୁ ପିଲା, ବୁଢା, ମାଇପି ସମସ୍ତେ ଚଲେଇ ପାରିବେ । ମୁଁ ପୁଅକୁ କହିଲି ଆମର ଗୋଟେ ପେଡାଲ୍ ପମ୍ପ ଆଣି ବସାଇବାକୁ । ପ୍ରଥମେ ସେ ଟିକେ ଡରିଲା, ପମ୍ପ ପାଇଁ ପଇସା କେଉଁଠୁ ଆଣିବ ? କିନ୍ତୁ ପରେ ବୁଝିଲା ଯେ, ଏହାକୁ ବସାଇବା ପାଇଁ କେବଳ ୧୨ ଖଣ୍ଡ ଇଟା, ଦେଢ ଫୁଟ୍ ଲେଖାଏଁ ବାଲି ଓ ବଜୁରୀ ଦରକାର । ସେ ସିଧା ଯାଇ ଆମ ଗାଁର ପେଡାଲ୍ ପମ୍ପ କମିଟୀ ଆବାହକ ସେଫାଳୀ ଯେନାଙ୍କୁ ଜଣାଇଲା । ତା'ପରେ ଆମ ବାଡିରେ ପେଡାଲ୍ ପମ୍ପ ବସିଲା ।”

“ଗଲା ବର୍ଷେ ହେବ ମୁଁ ଓ ମୋ ବୋହୂ ପେଡାଲ୍ ପମ୍ପରେ ବିଭିନ୍ନ ପ୍ରକାର ପରିବା ଚାଷ କରୁଛୁ । ମୋ ବୋହୂକୁ ଆଉ ପର ବାଡିରେ କାମ କରିବାକୁ ଯିବାକୁ ପଡୁନି । ବାଡିରେ ଓଲ କୋବି, ଫୁଲ କୋବି, ବିଲାତି ଆଳୁ, ବାଇଗଣ, ଶାରୁ, ପାଳଙ୍ଗ, ଖଡା, ଲେଉଟିଆ, କଞ୍ଚା ଲଙ୍କା, ଭେଣ୍ଡି, ବୋଇତି କଖାରୁ, ପାଣି କଖାରୁ ଆଦି କରୁଛୁ । ବର୍ଷ ତମାମ ଘର ପାଇଁ ପନିପରିବା ବାଡିରୁ ମିଳୁଛି । ବଳକା ପରିବା ପାଖ ଛପାଲି ଛକ ଓ ରାମନଗରରେ ମୁଁ ନହେଲେ ଆମେ ବିକ୍ରି କରି ଭଲ ଦି'ପଇସା ରୋଜଗାର କରିପାରୁଛୁ । ଗଲା ବର୍ଷ ପରିବା ଚାଷରେ ଆମେ ଟ୨,୦୦୦/-ଙ୍କା ଖର୍ଚ୍ଚ କରି ଅଧିକ ଜାଗାରେ କରିଥିଲୁ । ହିସାବ ରଖିନଥିଲେ ବି ଆମେ ବଳକା ପରିବା ବିକ୍ରି କରି ପ୍ରାୟ ଟ୨୦,୦୦୦/-ଙ୍କା ପାଇଥିଲୁ । ପୁଅ ଭାରି ଖୁସି ହେଲା ଏବଂ ମୋ କହିବା ମୁତାବକ କିଛି ଟଙ୍କା ଏଇ ବର୍ଷ ପରିବା ଚାଷ ପାଇଁ ରଖି ବଳକା ୧୫ ହଜାର ଟଙ୍କା ଝିଅ ନାଁରେ ବ୍ୟାଙ୍କରେ ରଖିଦେଲା । ଘର ଖର୍ଚ୍ଚ ସବୁ ସେ ତା' ରୋଜଗାରରେ କଲା ।”

ପୁରୁଣା ଦିନର କଥା ସବୁ ମନେ ପକାଇ ନିଜ ଆଖି ଲୁହ ପୋଛୁ ପୋଛୁ ସ୍ନେହଲତା କୁହନ୍ତି, “ମୋ ପୁଅ ଟା ଖଟି ଖଟି କଳାକାଠ ପଡିଯାଇଥିଲା । ତିନି ତିନିଟା ଝିଅ ବୋଲି ସବୁ ବେଳେ ଚିନ୍ତା କରି ତା ଓଠରୁ ହସ ଲିଭିଯାଇଥିଲା । ଏଇ ଛଅ ମାସ ହେବ ସେ ଆଉ ଚିନ୍ତାନଗ୍ନ ରହୁଥିବା ଦେଖିବାକୁ ପାଇନି । ଆଉ ମୁଁ କହିବି ପେଡାଲ୍ ପମ୍ପ ହିଁ ତା' ଓଠରେ ପୁଣି ହସ ଫେରାଇ ଆଣିଛି ।”

# ଚିନ୍ତାଦୂରକାରୀ ପେଡାଲ୍ ପମ୍ପ

**ଆମ ବାଡିରେ ଗୋଟେ ପେଡାଲ୍ ପମ୍ପ ବସାଇବା। ଏହା ଚଳାଇବା ଅତି ସହଜ। ଏଇ ଦେଖୁନୁ ଏହି ପୋଷ୍ଟରରେ ଜଣେ ବୁଢା ଲୋକ ଏହି ପମ୍ପ ଚଲେଇପାରୁଛି। ଆଉ ଏହି ପମ୍ପ ପାଇଁ ବିଜୁଳି/ ଡିଜେଲ/ ପେଟ୍ରୋଲ୍‌ର ଆବଶ୍ୟକତା ନାହିଁ।**

“ଦିନେ ସାନ ଟା’ର ଦେହ ଖରାପ ତ’ ଆର ଦିନ ମଝିଁଆ ଝିଅର। ସତେ ଯେମିତି ମୋ ଝିଅମାନଙ୍କୁ କାହା ନଜର ଲାଗିଯାଇଥିଲା। ଡାକ୍ତରଖାନା ବୋହି ବୋହି ଆମେ ସ୍ୱାମୀ-ସ୍ତ୍ରୀ ଦିଇଟା ନୟାନ୍ତ ହୋଇଯାଇଥିଲୁ। ମୋ ସ୍ୱାମୀଙ୍କ ଅଧାରୁ ଅଧିକ ରୋଜଗାର ପିଲାଙ୍କ ଦେହ ଖରାପ ପାଇଁ ଖର୍ଚ୍ଚ ହେଉଥିଲା। ଏହି ପାଖରେ ଥିବା ସ୍ୱାସ୍ଥ୍ୟକର୍ମୀ କି, ସ୍ଥାନୀୟ ଡାକ୍ତର ପ୍ରକୃତ କାରଣ କ’ଣ କେହି କହୁନଥିଲେ। ଅବସ୍ଥା ଅସମ୍ଭାଳ ହେବାରୁ ଦିନେ ତିନି ଝିଅଙ୍କୁ ନେଇ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ଗଲୁ। ସେଠାରେ ଜଣେ ଡାକ୍ତରାଣୀ ଦିଦି ମତେ ବୁଝେଇଲେ, ‘ବୟସ ତୁଳନାରେ ଝିଅମାନଙ୍କର ଓଜନ କମ୍ ଅଛି। ଯେତେ ଔଷଧ ଦେଲେ ବି; ଯଦି ସଠିକ୍ ପରିମାଣର ଖାଦ୍ୟ ଓ ସବୁଜ ପନିପରିବା ଖାଇବାକୁ ନଦେବ ତେବେ ଅବସ୍ଥା ସୁଧୁରିବା ବଡ କଷ୍ଟ! ତେଣୁ ଝିଅମାନଙ୍କର ଯଦି ସତରେ ଭଲ ଚାହୁଁଛ, ତେବେ ତାଙ୍କୁ ଆଜି ଠାରୁ ସବୁଜ ପନିପରିବା ସହ ଡାଲି, ଅଣ୍ଡା, ମାଛ, ମାଂସ ଆଦି ଖାଇବାକୁ ଦିଅନ୍ତୁ, ନଚେତ୍ ବଡ ହେଲା ପରେ ସେମାନେ ରକ୍ତହୀନତାର ଶୀକାର ହେବେ ଏବଂ ଆହୁରି ଅନେକ ଅସୁବିଧାର ସମ୍ମୁଖୀନ ହେବେ।’ ଆମର ମୁଣ୍ଡ କିଛି କାମ କଲାନି! ଅଭାବୀ ପରିବାର! ତା’ ଉପରେ ପୁଣି ରୋଜଗାର କରିବା ଲୋକ ଜଣେ, ଖାଇବା ବେଳକୁ ପାଞ୍ଚ ପେଟ। କ’ଣ କରିବୁ?”

“ଡାକ୍ତରାଣୀ ଦିଦି ବୁଦ୍ଧି ଦେଲେ, ନିଜ ବାଡିରେ କିଛି ସବୁଜ ପନିପରିବା, ଶାଗ, ଭଣ୍ଡା ଆଦି ଲଗାଅ। ସେଥିପାଇଁ ତୁମକୁ ପରିଶ୍ରମ ଛଡା ବେଶୀ ଖର୍ଚ୍ଚ କରିବାକୁ ପଡିବନି। ଆମେ ଘରକୁ ଫେରିଲୁ। ସ୍ଥିର କଲୁ ନିଜ ବାଡିରେ ପରିବା ଟିକେ କରିବୁ; କିନ୍ତୁ ଲୁଣା ମାଟିକୁ ଲୁଣା ପାଣି। ସେଥିରେ କ’ଣ ପରିବା ଚାଷ ହେବ? ତା’ ଛଡା ପାଣି ମଡେଇବା ବି କଷ୍ଟ! ନିଶ୍ଚିତ କଲୁ ଯେତେ କଷ୍ଟ ହେଉ ପଛେ ଆମେ ଅଳ୍ପ କିଛି ଜାଗାରେ ପରିବା ଚାଷ କରିବୁ,” ବୋଲି ସେଦିନର କଥା ମନେପକାଇ କୁହନ୍ତି କାନନ ବର୍ମନ।



କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ୍ ଅନ୍ତର୍ଗତ ବଉଳକଣୀ ପଞ୍ଚାୟତର ଲୁଣାଘେରୀ ଏକ ଛୋଟିଆ ଗାଁ। ସେହି ଗାଁର ଏକ ପାଞ୍ଚ ଜଣିଆ ଗରୀବ ପରିବାରର ବୋହୂ ହେଲେ କାନନ। ସ୍ୱାମୀ ପ୍ରଶାନ୍ତ ଜଣେ ନାମମାତ୍ର ଚାଷୀ। ତିନି ଝିଅ ମଧ୍ୟରୁ ଦୁଇ ଜଣ ସ୍କୁଲ୍‌ରେ ପଢୁଛନ୍ତି, ତୃତୀୟର ବୟସ ପ୍ରାୟ ତିନି ବର୍ଷ ହେବ। ଚାଷ ଜମି ବୋଲି କେଇ ମାଣ ପୈତୃକ

ସମ୍ପତ୍ତି। ସେଥିରେ ପୁଣି ବର୍ଷରେ ଥରେ ମାତ୍ର ଧାନ ଛଡା ଆଉ କିଛି ହୁଏ ନାହିଁ। ଘରେ ତିନି ଝିଅ ଓ ସ୍ତ୍ରୀକୁ ଏକା ଛାଡି ଅନେକ ଥର ରାଜ୍ୟ ବାହାରକୁ ଯିବା ପାଇଁ ଚିନ୍ତା କରିଥିଲେ ବି କେବେ ବି ଗାଁ ଛାଡି ପାରିନାହାଁନ୍ତି ପ୍ରଶାନ୍ତ। ସେହି ସ୍ଥାନୀୟ ଅଞ୍ଚଳରେ ଦିନ ମଜୁରୀଆ ଭାବେ ଅନେକ ସମୟରେ କାମ କରିବାର ଦେଖିବାକୁ ମିଳେ। ଏମିତି ପରିସ୍ଥିତିରେ ଝିଅମାନଙ୍କ ବାରମ୍ବାର ଦେହ ଖରାପ, 'ବୋଝ ଉପରେ ଲଳିତା ବିଡା ସଦୃଶ'।



ଡାକ୍ତରାଣୀ ଦିଦିଙ୍କ କଥା ମାନି ପ୍ରଥମେ ନିଜ ବାଡିରେ ଭଣ୍ଡା, କଖାରୁ, ଭେଣ୍ଡି, ଖଡା, ଲେଉଟିଆ ଶାଗ ଆଦି ଅଳ୍ପ କିଛି ଜାଗାରେ ଆରମ୍ଭ କଲେ। ଏମିତିରେ ଦିନେ ପ୍ରଶାନ୍ତ ଆସି କାନନକୁ କହିଲେ, "ଆମ ଗାଁରେ ଆଇ-କନସେପ୍ଟ ଇନିସିଏଟିଭ୍ସ୍ ନାମକ ଏକ ସଂସ୍ଥା ପେଡାଲ୍ ପମ୍ପ କମିଟୀ ଗଠନ କରି ନିଜ ବାଡି ବଗିଚା ଚାଷ ପାଇଁ ସହଯୋଗ କରୁଛି। ମୁଁ ବୁଝିକି ଆସିଛି, ଆମ ବାଡିରେ ବି ଗୋଟେ ପେଡାଲ୍ ପମ୍ପ ବସାଇବା। ଏହା ଚଳାଇବା ଅତି ସହଜ। ଏଇ ଦେଖୁନୁ ଏହି ପୋଷ୍ଟରରେ ଜଣେ ବୁଢା ଲୋକ ବି ଏହି ପମ୍ପ ଚଲେଇପାରୁଛି। ସବୁଠୁ ବଡ କଥା ହେଲା ଏହି ପମ୍ପ ପାଇଁ ବିଜୁଳି କିମ୍ବା ଡିଜେଲ/ ପେଟ୍ରୋଲ୍‌ର ଆବଶ୍ୟକତା ନାହିଁ।" ଦୁହିଁଙ୍କ ମନରେ ଉତ୍ସାହ ଭରି ଉଠିଲା। ଆଉ ନିଜ ବାଡିରେ ପେଡାଲ୍ ପମ୍ପ ବସାଇ କେବଳ ଖରା ଦୁଇ ମାସ ବ୍ୟତିତ କଲରା, ବାଇଗଣ, ଭେଣ୍ଡି, ଖଡା, ଲେଉଟିଆ, ପାଳଙ୍ଗ ଶାଗ, ପୋଇ, କଖାରୁ ଆଦି ପରିବା ଅଧିକ ଜାଗାରେ ଲଗାଇବା ଆରମ୍ଭ କଲେ।

କାନନ କୁହନ୍ତି, "ମୋ ସ୍ୱାମୀ ବିଲବାଡି କାମଧନ୍ଦା କରୁଥିଲେ ବି ମୁଁ ଏହାକୁ ସହଜରେ ଚଲାଇ ପାରୁଛି। ବର୍ତ୍ତମାନ ମୋ ଘରେ ପନିପରିବା ବର୍ଷ ସାରା ରହୁଛି। ମୋ ପିଲାମାନେ ଏବେ ସବୁଜ ପନିପରିବା ଟିକେ ଖାଇବାକୁ ପାଉଛନ୍ତି। ଝିଅମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିଛି। ବାରମ୍ବାର ଡାକ୍ତରଖାନା ନେବାକୁ ପଡୁ ନାହିଁ। ସତରେ! ପେଡାଲ୍ ପମ୍ପ ମୋ ଚିନ୍ତା ଦୂର କରି ଦେଇଛି। ସେଥିପାଇଁ ଆମେ ଏହା ପାଖରେ ଚିର ଋଣୀ।"

# ଜୀବିକା ଉପାର୍ଜନକୁ ସୁଗମ କଲା ପେଡାଲ୍ ପମ୍ପ



"ଚାଷ ଜମି ବୋଲି ମାତ୍ର ଏକରେ । ସେଥିରେ ପୁଣି ବର୍ଷରେ କେବଳ ଥରେ ମାତ୍ର ଧାନ ଛଡା ଦୁବ କେରେ ବି କଅଁଳେ ନାହିଁ । ସାତ ପ୍ରାଣୀ କୁଟୁମ୍ବ ଚଳିବେ କେମିତି ? ମୁଁ ତ ବୁଢା ହେଲିଣି । ଆଉ ଟାଣ କାମ କରି ପାରିବା ଭଳି ଦେହରେ ଶକ୍ତି ନାହିଁ । ଏଇ ଗାଁରେ ନିଜ ଦୁଆର ମୁହଁରେ ଛୋଟ ପାନ ଦୋକାନ ଖଣ୍ଡେ କରି ବସିଲି । ସେଥିରୁ ବା ଲାଭ କେତେ ମିଳିବ ? ଦିନ କୁ ଦିନ ବଜାର ଦର ବଢିବାକୁ ଏପଟେ ଘରର ଆବଶ୍ୟକତା ଆଉ ଖର୍ଚ୍ଚ ବି ବଢିଲା । ଆବଶ୍ୟକତାରୁ ମଣିଷକୁ ବୁଦ୍ଧି ଜୁଟେ । ମୋ ମୁଣ୍ଡରେ ବୁଦ୍ଧି ପଶିଲା, ଘର ପାଖ ବାଡିରେ ଥିବା ପୋଖରୀ ହୁଡାରେ ପରିବା ଗଣ୍ଡେ କଲେ ହୁଅନ୍ତା; ଅନ୍ତତଃ ପରିବା ବାବଦକୁ ହେଉଥିବା ଖର୍ଚ୍ଚଟା ତ' କମିଯାଆନ୍ତା ! ଘରେ କାହାକୁ କିଛି ନକହି, ଦିନେ କୋଦି କୋଦାଳ ଧରି ପୋଖରୀ ହୁଡାରେ ମନ୍ଦା ତିଆରି ଆରମ୍ଭ କଲି । ପୁଅମାନଙ୍କ ନଜର ପଡିଲା । ସେମାନେ ବି ଆସି ମତେ କିଛି ନପଚାରି ସାହାଯ୍ୟ କଲେ । ମୋ ମନରେ ଟିକେ ସାହସ ଆସିଲା । ଭାବିଲି ଯାହା ହେଉ ପୁଅ ଦିଇଟା ତ ପାଖରେ ଅଛନ୍ତି ! ପ୍ରଥମେ କିଛି କଖାରୁ ମଞ୍ଜି ପୋତିଲି । ସାନ ପୁଅ ଦି' ଟି ଜାଗାରେ ଶାଗ ବୁଣିବା ପାଇଁ ମାଟି ଖୋଳି କିଆରି ତିଆରି କଲା । ମୋ ସ୍ତ୍ରୀ ମୋ ସହ ମିଶି ବାଲତି ଓ କଳସୀରେ ପୋଖରୀରୁ ପାଣି ବୋହି ଆଣି ଗଛରେ ଦେବାରେ ସାହାଯ୍ୟ କଲା । ଏହା ପର ଠାରୁ ଆଉ ପଛକୁ ଫେରି ଚାହିଁନୁ ଆମେ । ଗାଈଗୋରୁ, ଛେଳି, ମେଣ୍ଢାଙ୍କ ଦାଉରୁ ଚାଷକୁ ରକ୍ଷା କରିବାକୁ ଚାରିକଡେ ବାଉଁସ ବାଡ ତିଆରି କଲୁ । ବାଲ୍ତି ଓ କଳସୀରେ ପାଣି ମଡାଇବା କଷ୍ଟ ହେଉଥିବା ଜାଣି ବଡ ପୁଅ ଏକ ଟିଣକୁ କାଟି ଶେଣା ତିଆରି କଲା । ଏବେ ଆମେ ସ୍ୱାମୀ-ସ୍ତ୍ରୀ ଦି ଜଣ ଶେଣାରେ ପାଣି ବୋହି ପରିବା ଚାଷରେ ମାତିଲୁ । ପୁଅମାନେ ଧାନ ଚାଷ କରିବା ସହ ଯିଏ ଯେବେ ଡାକିଲା ତା'ର ମଜୁରୀରେ କାମ କଲେ । ଘରକୁ ଗଣ୍ଡେ ଗଣ୍ଡେ ପରିବା ଆସିବା ଆରମ୍ଭ ହେଲା । ସମସ୍ତେ ଖୁସି ହେଲେ ।" ଏହା କାହାଣୀ ଭଳି ଲାଗୁଥିଲେ ବି ନିଜର ଅନୁଭୂତିର କଥା ବୋଲି କୁହନ୍ତି ୫୮ ବର୍ଷିୟ ସୀମନ୍ତ ନାୟକ ।

**ଗଲା ବର୍ଷ ମୁଁ ପରିବା ଚାଷରେ ଟ୩୦୦୦/-ଙ୍କା ଖର୍ଚ୍ଚ କରି ଟ୧୫,୦୦୦/-ଙ୍କା ଲାଭ ପାଇଥିଲି । ସେଥିରୁ ଟ୧୦,୦୦୦/-ଙ୍କା ଦୋକାନରେ ଖଟାଇ ପାନ ଦୋକାନକୁ ବଢାଇପାରିଛି । ବର୍ତ୍ତମାନ ଦୋକାନରୁ ବି ଭଲ ଦି ପଇସା ରୋଜଗାର ହେଉଛି ।**

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ୍ ଅନ୍ତର୍ଗତ ବଉଳକଣୀ ଗ୍ରାମ ପଞ୍ଚାୟତର ଏକ ଛୋଟିଆ ଗାଁ ଓଳପଦାରେ ନିଜ ସ୍ତ୍ରୀ ମଞ୍ଜୁଳତା, ଦୁଇ ପୁଅ ଓ ବୋହୁ ଏବଂ ଗୋଟିଏ ନାତୁଣୀ ସହ

ବସବାସ କରନ୍ତି ସୀମନ୍ତ। ସେହି ଦିନଗୁଡିକ କଥା ମନେପକାଇ ସୀମନ୍ତ କୁହନ୍ତି, "ଦୋକାନ ଖଣ୍ଡକ ବି ଥାଏ। ପାଣି ମଡାଇବାକୁ ହେଲେ ଦୋକାନ ବନ୍ଦ କରି ସ୍ୱାମୀ-ସ୍ତ୍ରୀ ଦି ଜଣ ଯାକ ଶେଣା ଧରି ପରିବା ବଗିଚାକୁ ଚାଲିଯାଉ। ଏମିତିରେ ବର୍ଷ ସାରା ଯାହା ପରିବା ଘର ପାଇଁ ଦରକାର ହୁଏ ପ୍ରାୟତଃ ବଗିଚାରୁ ମିଳିଯାଏ। ଆଳୁ, ପିଆଜ, ତେଲ, ଲୁଣ ଯାହା ବଜାରରୁ କିଣା ହୁଏ। ପାଣି ମଡାଇବା ଭାରି କଷ୍ଟ ହେଉଥିବାରୁ ବେଶି ଅଞ୍ଚଳରେ ପରିବା ଚାଷ କରିହେଉ ନଥିଲା। ବିକିବା ଭଳି ତ ବଲକୁଲ୍ ହେଉ ନଥିଲା; ଏହି ସମୟରେ ମୁଁ ଶୁଣିଲି ଆଇ-କନ୍‌ସେପ୍ଟ ନାମକ ଏକ ସଂସ୍ଥା ଆମ ଅଞ୍ଚଳରେ କ'ଣ ଗୋଟେ ଭଲ ପେଡାଲ୍ ପମ୍ପ ପାଇଁ ସହଯୋଗ କରୁଛି; ସେଥିପାଇଁ ଆମ ଗାଁରେ ଏକ କମିଟୀ ଗଠନ କରିଛି। ମୁଁ ଯାଇ ସେହି କମିଟୀର ସଭ୍ୟମାନଙ୍କୁ ପଚାରି ବୁଝିଲି ଏବଂ ତାଙ୍କ କହିବା ମୁତାବକ ୧୨ ଖଣ୍ଡ ଇଟା, ଦେଢ ଫୁଟ୍ ଲେଖାଏଁ ବାଲି ଓ ବଜୁରୀ ମହଜୁଦ୍ କରି କମିଟୀକୁ ଖବର ଦେଲି। ମୋ ବାଡିରେ ପେଡାଲ୍ ପମ୍ପ ବସିଲା।"

ବାତ୍ୟା, ପବନ, ବର୍ଷା ଓଳପଦା ଗ୍ରାମବାସୀମାନଙ୍କ ଚିର ସହଚର। ଧାନ ଚାଷ ଏଠାକାର ଅଧିବାସୀମାନଙ୍କର ମୂଳ ବେଉସା ହୋଇଥିବା ବେଳେ ଗ୍ରାମର ବର୍ତ୍ତମାନର ଯୁବ ଗୋଷ୍ଠୀ କାମ ଧନ୍ଦା ପାଇଁ ବାହାର ରାଜ୍ୟକୁ ଚାଲିଯିବା ଓଡିଶାର ଅନେକ ଗାଁର କାହାଣୀ ସହ ପ୍ରାୟତଃ ସମାନ। ଏପରି ପରିସ୍ଥିତିରେ ନିଜ ପେଟ ପୋଷିବା ପାଇଁ ନିଜ ପୁଅମାନଙ୍କୁ କେବେ ଗାଁ ବାହାରକୁ ଯିବାକୁ ପଡିବ ନାହିଁ ବୋଲି ଦୃଢତା ପ୍ରାକାଶ କରି ସୀମନ୍ତ କୁହନ୍ତି, "ବର୍ତ୍ତମାନ ପେଡାଲ୍ ପମ୍ପ ସାହାଯ୍ୟରେ ଆମେ ବାଡିରେ ଓଲ କୋବି,



ଫୁଲ କୋବି, ବିଲାତି ଆଳୁ, ବାଇଗଣ, ଶାରୁ, ପାଳଙ୍ଗ, ଖଡା, ଲେଉଟିଆ, କଞ୍ଚା ଲଙ୍କା, ଭଣ୍ଡା, ବୋଇତି କଖାରୁ, ପାଣି କଖାରୁ, କଲରା, କୁନ୍ଦୁରୀ, ପୋଇ, ଭେଣ୍ଡି ଆଦି ସବୁ ପ୍ରକାର ପରିବା ଚାଷ କରିପାରୁଛୁ। ଦରକାର ବେଳେ ପାଣି ମଡାଇବା ପାଇଁ ଆଉ ଦୋକାନ ବନ୍ଦ କରିବାକୁ ପଡୁନାହିଁ। କେତେବେଳେ ମୁଁ ତ' କେତେବେଳେ ମୋ ସ୍ତ୍ରୀ, ନହେଲେ କେତେବେଳେ ମୋ ବଡ ବୋହୁ ବି ସହଜରେ ପାଣି ମଡାଇ ପାରୁଛନ୍ତି। ଜଣେ ପାଣି ମଡାଇବା ବେଳେ ଅନ୍ୟ ଜଣେ ଦୋକାନ ଦେଖି ପାରୁଛି। ଗଲା ବର୍ଷ ମୁଁ ମୋଟ ପରିବା ଚାଷରେ ଟ୩୦୦୦/-ଙ୍କା ଖର୍ଚ୍ଚ କରି ପ୍ରାୟ ଟ୧୫,୦୦୦/-ଙ୍କା ଲାଭ ପାଇଥିଲି। ସେଥିରୁ ଟ୧୦,୦୦୦/-ଙ୍କା ଦୋକାନରେ ଖଟାଇ ପାନ ଦୋକାନକୁ ବଢାଇପାରିଛି। ବର୍ତ୍ତମାନ ଦୋକାନରେ ଆଳୁ, ପିଆଜ, ତେଲ, ଲୁଣ ଠାରୁ ଆରମ୍ଭ କରି ପରିବା, ସାମ୍ପୁ, ସାବୁନ୍ ଆଦି ବିକ୍ରି କରୁଛି। ବର୍ତ୍ତମାନ ଦୋକାନରୁ ବି ଭଲ ଦି ପଇସା ରୋଜଗାର ହେଉଛି।

ମୋର ଆଉ ଚିନ୍ତା ନାହିଁ। କାରଣ ମୋ ସାଥିରେ ମୋ ପରିବାର ସହ, ପେଡାଲ୍ ପମ୍ପ ଓ ଦୋକାନ ଅଛି। ଏହି ପେଡାଲ୍ ପମ୍ପଟି ଅତି ସହଜ ଓ ପ୍ରାୟତଃ ଖରାପ ହେବାର ନାହିଁ। ଯଦି କେବେ ଏହାର ୱାସର୍ ନଷ୍ଟ ହୋଇଯାଏ ତେବେ ମୁଁ ତାଲିମ୍‌ରୁ ଶିଖିଛି ଏହାକୁ କିପରି ବଦଳାଇ ଯାଇପାରିବ। ସତରେ! ପେଡାଲ୍ ପମ୍ପ ନଥିଲେ ମୁଁ ଆଉ ପରିବା ଚାଷ ବଢ଼ାଇ ପାରି ନଥା'ନ୍ତି କି ପାନ ଦୋକାନରୁ ଲାଭ ବି କରିପାରି ନଥା'ନ୍ତି। ଆଉ ଅନ୍ୟମାନଙ୍କ ଭଳି ମୋ ପୁଅମାନେ ବି ଗାଁ ବାହାରକୁ କାମ ପାଇଁ ଚାଲିଯାଇଥା'ନ୍ତେ।"



# ପେଡାଲ୍ ପମ୍ପ ଅଛି ମୋ ସାଥିରେ; ଘର ତିଆରିବି ଦୁଇ ବର୍ଷରେ

**ମଟର ପାଇଁ ଦୁଇ-ତିନି ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଥିଲା । ସେତେବେଳେ ଭଡା ଘଣ୍ଟାକୁ ଟ୧୦୦/-ଙ୍କା । ଏତେ ପଇସା ଖର୍ଚ୍ଚ କରି ମଟର ଚଳେଇ ପରିବା ଚାଷରୁ ବା କେତେ ଲାଭ ମିଳିବ ? ବର୍ତ୍ତମାନ ଟିକେ ଚିନ୍ତା ଦୂର ହୋଇଛି । ମୋ ବାଡିରେ ପେଡାଲ୍ ପମ୍ପ ବସିଛି ।**

"ଆମେ ଆଜ୍ଞା ଚାଷୀବନ୍ଦି ଲୋକ । ଚାଷ ନକଲେ ଚଳିବା ଭାରି କଷ୍ଟ । ବର୍ଷରେ ଦୁଇ ଥର ଧାନ ଚାଷ ସହ ପରିବା ଗଣ୍ଡେ କଲେ ବିକ୍ରି କରି ପରିବାରର ଛଅ ପ୍ରାଣୀ ପେଟ ପୋଷୁ । ଘର ତ' ହେଇ ଆପଣ ଦେଖୁଛନ୍ତି ! ଏଇ ମାଟି ଘର ଖଣ୍ଡକ ବଡ କଷ୍ଟରେ କରିଥିଲୁ ଯେ, ଅଧା ବେଳେ ଚାଳରୁ ପାଣି ଗଳୁଛି । ଅଧିକ ବର୍ଷା ପବନରେ ମାଟି କାନ୍ଥରୁ ବି ଅତଡା ଖସୁଛି । ଭାରି ଚିନ୍ତା ଲାଗୁଥିଲା । ଦି' ଦି' ଟା' ଛୋଟ ଛୁଆ ରହୁଛନ୍ତି । ବର୍ଷାପାଣି ଦିନରେ କେତେବେଳେ କ'ଣ ହେବ କିଛି କହି ହେବନି ! ସରପଞ୍ଚ ପାଖକୁ ଦୌଡି ଦୌଡି ନୟାନ୍ତ ହେଲୁଣି । ଆମ ଏ ସାହି ଲୋକ କାଳେ ତାଙ୍କୁ କମ୍ ଭୋଟ୍ ଦେଇଥିଲୁ ବୋଲି ଆମ ସାହିରେ କାହାକୁ ଇନ୍ଦିରା ଆବାସ ଦେବାରେ ସେ ଭାରି ହିଚିକିଚି କରୁଛନ୍ତି । ଯିଏ ଯେମିତି ହାତଗୁଞ୍ଜା ଦେଇ ଇନ୍ଦିରା ଆବାସ କରେଇଲେଣି । ଆମେ ବାପାପୁଅ ଦି'ଟା ଯେଉଁ ଦିନ ଘର ଖଣ୍ଡେ ପାଇଁ ସରପଞ୍ଚ କି ବ୍ଲକ୍‌କୁ ଗଲୁ ସେଦିନ କାମ ବନ୍ଦ । ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡେ । ଚାଷରେ ତ' ଜମିକୁ ନ ଗଲେ ନ ଚଳେ । କ'ଣ କରିବୁ ଭାରି ଚିନ୍ତା ଲାଗୁଥିଲା । ଦିହେଁ ସ୍ଥିର କଲୁ ଆଉ କାହା ହାତ ଟେକାକୁ ଅନେଇବୁ ନାହିଁ ନିଜ କଷ୍ଟରେ ଘର ଖଣ୍ଡେ କରିବୁ । ପରିବା ଚାଷ ଆହୁରି ଅଧିକ ଜାଗାରେ କରି ଅଧିକ ପରିଶ୍ରମ କରିବୁ । ଦି' ପଇସା ସଞ୍ଚୟ କରି ନିଜେ ଘର ଖଣ୍ଡେ କରିବୁ । ମତେ ଆସି ୬୦ ଛୁଇଁଲା । ଜମି ପାଖରେ କେନାଲ ଥିଲେ ବି ତେଣ୍ଡାରେ ପାଣି ମଡେଇବା ମୋ ପକ୍ଷରେ ଭାରି କଷ୍ଟ । ପୁଅ ଏକା ବା' କେତେ କରିବ ? ସ୍ତ୍ରୀ ଲୋକ ତ' ତେଣ୍ଡା ଚଳେଇବା କାଠିକର ପାଠ । ବିଜୁଳି ମଟର ଗାଁରେ ମିଳୁଥିଲେ ବି ଘଣ୍ଟାକୁ ଟ୬୦/-ଙ୍କା ଭଡା ପଡୁଛି । ସେ ପୁଣି ଆବଶ୍ୟକ ସମୟରେ ମିଳେ ନାହିଁ । ବେଳେ ବେଳେ ମଟର ପାଇଁ ଦୁଇ-ତିନି ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଥିଲା । ସେତେବେଳେ ଭଡା ଘଣ୍ଟାକୁ ଟ୧୦୦/-ଙ୍କା । ଏତେ ପଇସା ଖର୍ଚ୍ଚ କରି ମଟର ଚଳେଇ ପରିବା ଚାଷରୁ ବା କେତେ ଲାଭ ମିଳିବ ? ବର୍ତ୍ତମାନ ଟିକେ ଚିନ୍ତା ଦୂର ହୋଇଛି । ମୋ ବାଡିରେ ପେଡାଲ୍ ପମ୍ପ ବସିଛି । ଏହାକୁ ମୁଁ, ମୋ ସ୍ତ୍ରୀ ଓ ବୋହୂ ଯେ କେହି ବି ଜଣେ ସହଜରେ ଚଳେଇ ପାରୁଛୁ । ଆଉ ମଟର ପାଇଁ ନା ଅପେକ୍ଷା କରିବାକୁ ପଡୁଛି ନା ପଇସା ଖର୍ଚ୍ଚ କରିବାକୁ ପଡୁଛି ।" ଏ ହେଉଛି ପୀର ଭୋଇଙ୍କର କାହାଣୀ ।



୬୦ ବର୍ଷୀୟ ପୀର ତାଙ୍କ ସ୍ତ୍ରୀ ବିନ୍ଦୁ, ପୁଅ ପ୍ରସନ୍ନ, ବୋହୂ ଉର୍ମିଳା ଏବଂ ଦୁଇ ନାତି ରଞ୍ଜନ ଓ ଚନ୍ଦନଙ୍କ ସହ ପୁରୀ ଜିଲ୍ଲା ନିମାପଡା ବ୍ଲକ୍ ଅନ୍ତର୍ଗତ ବାଙ୍ଗୁରୁଶାସନ ଗାଁରେ ବସବାସ କରନ୍ତି । ଚାଷ ଜମି ବୋଲି ମାତ୍ର ଏକରେ ହେବ । ସେଥିରେ ବର୍ଷରେ ଦୁଇ ଥର ଧାନ ଚାଷ ଏବଂ ଅଳ୍ପ କିଛି ଅଞ୍ଚଳରେ ପରିବା ଚାଷ କରି ନିଜ ପରିବାର ପ୍ରତିପୋଷଣରେ ସର୍ବଦା ବ୍ୟସ୍ତ ଥା'ନ୍ତି ବାପ ପୁଅ ଦୁଇ ଜଣ । ସେ କିପରି ପେଡାଲ୍ ପମ୍ପ ପାଇଁ ହିତାଧିକାରୀ ହେଲେ ବୋଲି ସେଦିନର କଥା ମନେପକାଇ ପୀର ଭୋଇ କୁହନ୍ତି, "ଦିନେ ଆମ ଗାଁରେ ଏକ ସଭା ଡକାଗଲା । ଯେଉଁମାନେ ପରିବା ଚାଷ କରୁଛନ୍ତି ତାଙ୍କୁ ଏକ ପ୍ରକାର ପେଡାଲ୍ ପମ୍ପ ମିଳିବ ବୋଲି କଥା ଉଠିଲା । ସେଥିପାଇଁ ଏକ ପେଡାଲ୍ ପମ୍ପ କମିଟୀ ମଧ ଗଠନ ହେଲା । କମିଟୀ ମାଧମରେ ମତେ ବି ଜଣେ ହିତାଧିକାରୀ ଭାବେ ଚିହ୍ନଟ କରାଯାଇ ମୋ ସହ ଅନ୍ୟ କେତେକଙ୍କ ବାଡିରେ ପେଡାଲ୍ ପମ୍ପ ବସାଇବା ପାଇଁ ନିଷ୍ପତ୍ତି ନିଆଗଲା ।



ଆଇ-କନ୍ସେପ୍ଟ ଇନିସିଏଟିଭ୍ସ୍ ଏଥି ପାଇଁ ସହଯୋଗ କରୁଥିବା ଉକ୍ତ ସଂସ୍ଥାରୁ ଆସିଥିବା ଜଣେ କର୍ମଚାରୀ ଆମ୍ଭମାନଙ୍କୁ କହିଲେ । ଏଥି ନିମନ୍ତେ ଆବଶ୍ୟକ ମୁତାବକ ୧୨ ଖଣ୍ଡ ଇଟା, ବାଲି ଓ ବଜୁରୀ ଯୋଗାଡ କରିବା ପରେ ସଂସ୍ଥାର କର୍ମଚାରୀମାନେ ଆସି ପମ୍ପ ବସାଇବାର କାର୍ଯ୍ୟକ୍ରମ ସ୍ଥିର ହେଲା । ମୁଁ ସଙ୍ଗେ ସଙ୍ଗେ ଘରକୁ ଆସି ପୁଅକୁ ସବୁକଥା କହିଲି ଏବଂ ସେ ରାଜି ହେଲା । ସହସା ମୁଁ ଇଟା, ବାଲି, ବଜୁରୀ ଆଦି ଯୋଗାଡ କଲି ଆଉ ମୋ ବାଡିରେ ପେଡାଲ୍ ପମ୍ପ ବସିଲା ।"

ପରିବା ଚାଷରୁ କେତେ ଲାଭ ହେଉଛି ବୋଲି ପ୍ରଶ୍ନର ଉତ୍ତର ଦେଇ ପୀର କୁହନ୍ତି, "ମୋ ବାଡିରେ ଆମେ ଫୁଲ କୋବି, ବନ୍ଧା କୋବି, ଜହ୍ନି, ପୋଟଳ, କାକୁଡି, ଝୁଡଙ୍ଗ, ବିନ୍ସ, ମଟର, ମୂଳା, ଗାଜର, ଖଡା, ଲେଉଟିଆ, ପାଳଙ୍ଗ ଆଦି ଭଳି ଶାଗ ଇତ୍ୟାଦି କରୁଛୁ । ଗଲା ବର୍ଷ ପ୍ରାୟ ଟ୪୦୦୦/-ଙ୍କାର ମଞ୍ଜି, ସାର, କୀଟନାଶକ ଆଦି ପାଇଁ ଖର୍ଚ୍ଚ କରି ଟ୨୦,୦୦୦/-ଙ୍କା ପାଇଥିଲୁ । ସେଥିରୁ ଲାଭ ବେଶୀ ବାହାରି ନଥିଲା; କାରଣ ମଟରରେ ପାଣି ମଡେଇବା ଆମକୁ ମହଙ୍ଗା ପଡିଥିଲା । ମଟର ବାବଦକୁ ପ୍ରାୟ ଟ୩୦୦୦/-ଙ୍କା ଖର୍ଚ୍ଚ କରିଥିଲୁ । କିନ୍ତୁ ଏ ବର୍ଷ ଆଉ ମଟର ଚଳେଇବାର ନାହିଁ କି ଖର୍ଚ୍ଚ କରିବାର ନାହିଁ । ଆଗ ବର୍ଷ ଅପେକ୍ଷା ଏଥର ଆମେ ଅଧିକ ଜମିରେ ପରିବା ଚାଷ କରିଛୁ । ନିଜ ପାଖରେ ପେଡାଲ ପମ୍ପ ଥିବାରୁ ଠିକ୍ ସମୟରେ ପାଣି ବି ମଡେଇ ପାରୁଛୁ । ଏହା ଚଳେଇବା ଅତି ସହଜ ହୋଇଥିବାରୁ ମୋ ସ୍ତ୍ରୀ କି ବେଳେବେଳ ମୋ ବୋହୂ ବି ଚଳେଇ ପାରୁଛନ୍ତି ।

ଆଉ ଚିନ୍ତା ନାହିଁ । ଏଥର ଫସଲ ବି ନିଶ୍ଚିତ ଭଲ ହେବ ଆଉ ଅଧିକ ଅମଳ ସହ ଭଲ ଦି' ପଇସା ଲାଭ ବି ହେବ । ତେଣୁ ଏଇ ବର୍ଷ ନିଜର ଖଣ୍ଡେ ପକ୍କା ଘର କରିବା ପାଇଁ ଇଟା ପକାଇବୁ । ଯଦି ଭଗବାନଙ୍କ ଦୟା ହୁଏ, ତେବେ ଘର କାମ ବି ଆରମ୍ଭ କରିଦେବା ବୋଲି ମୋ ପୁଅ କହୁଥିଲା ।"

# ମନରେ ନୂଆ ଆଶା ଭରିଛି ପେଡାଲ୍ ପମ୍ପ୍



ପୁରୀ ଜିଲ୍ଲା ନିମାପଡା ବ୍ଲକ୍ ଅନ୍ତର୍ଗତ ହରିପୁର ପଞ୍ଚାୟତର ଏକ ଛୋଟିଆ ଗାଁ ବାଙ୍ଗୁରୁଶାସନ। ଲୋକମାନଙ୍କ ମୂଳ ବେଉଷା ଧାନ ଓ ପରିବା ଚାଷ। ପ୍ରାୟତଃ ଅଧିକାଂଶ ନାମମାତ୍ର ଓ କ୍ଷୁଦ୍ର ଚାଷୀ। ଦିନକୁ ଦିନ ବଜାର ଦର ବଢିବାକୁ କୃଷି ଉପରୁ ଲୋକମାନଙ୍କର ଭରସା କମିବା ଯୋଗୁଁ ବର୍ତ୍ତମାନର ଯୁବ ଗୋଷ୍ଠୀ କାମ ପାଇଁ ଗାଁ ବାହରକୁ ଚାଲିଯିବା ଓଡିଶାର ଅନେକ ଗାଁ ଭଳି ଏହି ଗାଁରେ ବି ଦେଖିବାକୁ ମିଳେ। ଗାଁର ପ୍ରାୟ ୮୦ ପ୍ରତିଶତ ଘରୁ କେହି ନା କେହି ରାଜ୍ୟ ତଥା ରାଜ୍ୟ ବାହାରେ ଜୀବିକା ନିର୍ବାହ କରୁଥିବା ଲୋକମାନଙ୍କ ସହ ଆଲୋଚନାରୁ ଶୁଣିବାକୁ ମିଳେ। ଏମିତି ପରିସ୍ଥିତିରେ ବାଙ୍ଗୁରୁଶାସନରେ ଏକ ଛୋଟିଆ ନୁଆଣିଆ ଚାଳ ଘରେ ଯଦୁ ଭୋଇ ନିଜର ସ୍ତ୍ରୀ, ଗୋଟିଏ ପୁଅ ଓ ଝିଅ ସହ ନିଜର ମାତ୍ର କେଇ ମାଣ ଜମିକୁ ଆଶ୍ରା କରି ଧାନ ଓ ପରିବା ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ଚାଷ କାମରେ ଯଦୁଙ୍କୁ ସାହାଯ୍ୟ କରନ୍ତି ସ୍ତ୍ରୀ କୁନି ଓ ପୁଅ ମିଥୁନ୍। ଘର କାମ ଚଳେଇ ନିଏ ସାନ ଝିଅ ମିଲି। ଦୁଇ ବର୍ଷ ତଳେ ଧାନ ତଳି ନଷ୍ଟ ହୋଇଯିବାକୁ ପରିବା ଚାଷରେ ପାଣି ମଡେଇବା ପାଇଁ ଠିକ୍ ସମୟରେ ମଟର ନମିଳିବାରୁ ତାହା ବି ନଷ୍ଟ ହୋଇଗଲା। ପୁଣି ଥରେ ତଳି ପକାଇ ଧାନ ଗଣ୍ଡେ କରିବାକୁ ନୟାନ୍ତ ହେବାକୁ ପଡିଲା ଯଦୁଙ୍କୁ। ଘରେ ଖାଇବାକୁ ମୁଠେ ଦାନା ପର୍ଯ୍ୟନ୍ତ ନଥାଏ। ଘରର ପରିସ୍ଥିତିକୁ ଲକ୍ଷ୍ୟ କରି ମିଥୁନ୍ ଗାଁର ଅନ୍ୟ ଯୁବକମାନଙ୍କ ସହ ବାହାରିଲା ଗାଁ ଛାଡିବାକୁ। ମନରେ ଇଚ୍ଛା ନଥିଲେ ବି ପୁଅକୁ ମନାକରିପାରିଲେନି ଯଦୁ। ପାରାଦୀପରେ କେଉଁ ଏକ ମାଛ ଫେକ୍ଟ୍ରିରେ କାମ କରିବାକୁ ମିଥୁନ୍ ନିଜର କିଛି ସାଥିମାନଙ୍କ ସହ ଚାଲିଗଲା।

ଦୁଃଖେ କଷ୍ଟେ କୌଣସି ମତେ ଦିନଗୁଡିକ କଟିଗଲା। ପର ବର୍ଷ ଯଦୁ ଚାଷ କରିବାକୁ ପୁଣି ଥରେ ଅଣ୍ଟା ସଳଖିଲେ। ଏ ବର୍ଷ ଧାନ ଗଣ୍ଡେ ସିନା ମିଳିଲା ହେଲେ ପରିବା ଚାଷରେ ଠିକ୍ ସମୟରେ ପାଣି ମଡାଇବାକୁ ମଟର ମିଳିଲା ବହୁ କଷ୍ଟରେ। ପରିଶ୍ରମ ଆଉ ଖର୍ଚ୍ଚ ପରିମାଣରେ ଅମଳ କମିଗଲା। ଯାହାହେଉ ପରିବାର ପାଇଁ ଚାଉଳ ମୁଠେ ଆଉ କିଛି ପନିପରିବା ଚାଷ ଜମିରୁ ମିଳିଲା। ମିଥୁନ୍ ବି ଘର ଖର୍ଚ୍ଚ ବାବଦକୁ କିଛି କିଛି ଟଙ୍କା ନିୟମିତ ପଠାଉଥିଲା। ଶେଷରେ ଯଦୁ ସ୍ଥିର କଲେ କେବଳ ଧାନ ଛଡା ପରିବା

**ଯଦି ନିଜ ଘର ବାଡିରେ ଭଲରେ ଦିଟା ପନିପରିବା ହେଲା ତେବେ କାହିଁରେ କ'ଣ ? ପର ପାଖରେ ମୁଣ୍ଡ ବିକି ଚାକିରୀ କରିବାକୁ ଆଉ ବାହାରକୁ କାହିଁକି ଯିବି ? ପୁଅକୁ ବି ବୁଝାଉଥିଲି ତୁ ଘରକୁ ପଳେଇ ଆସେ। ଆମେ ଅଧିକ ଜାଗାରେ ପରିବା ଚାଷ କରିବା ଆଉ ଶାନ୍ତିରେ ରହିବା।**

ଚାଷ ବନ୍ଦ କରିଦେବେ। ଆଉ ଛଅ ମାସ ପୁଅ ଭଳି ସେ ବି ବାହାରକୁ କାମ ଅନ୍ୱେଷଣରେ ଯିବେ; ହେଲେ ଘରେ ମା'ଝିଅ ଦି'ଟିଙ୍କୁ ଛାଡି ଯିବାକୁ ମନ ବଳୁ ନଥିଲା। ସେଦିନର କଥା ମନେ ପକାଇ ଯଦୁ କୁହନ୍ତି, "ଧାନ ଛଡା ପରିବା ଚାଷ ଉପରେ ବି ଆଉ ଭରଷା ପାଉ ନଥିଲା। ପରିଶ୍ରମ ଓ ଖର୍ଚ୍ଚ ବି ଉଠିବା ମୁସ୍କିଲ୍। ସେଥି ପାଇଁ ପୁଅଟା ତ ଗାଁ ଛାଡିଲା। ମୁଁ ବି ସ୍ଥିର କରିଥିଲି ବାହାରକୁ ଚାଲିଯିବି। ନହେଲେ ଘର ଚଳିବ କେମିତି ? ପୁଅଟା ଏତେ ଛୋଟ ବୟସରେ କେତେ କ'ଣ କରିବ ? ବର୍ତ୍ତମାନ ମୁଁ ଭାବୁଛି ଆଉ ବୋଧହୁଏ ଗାଁ ଛାଡିବାକୁ ପଡିବନି; କାରଣ ମୋ ପାଖରେ ପେଡାଲ୍ ପମ୍ପ ଅଛି। ମନରେ ନୂଆ ଆଶା ସଂଚାର ହୋଇଛି। ମୁଁ ଏଇ ବର୍ଷ ପୁଣି ଥରେ ପରିବା ଚାଷ ଆରମ୍ଭ କରିଛି। ଯଦି ଭଗବାନଙ୍କ ଦୟାରୁ ସବୁ ଠିକ୍ ଠିକା ରୁହେ ତେବେ ଘର ଚଳି ଆହୁରି କିଛି ବଳକା ପରିବା ବିକ୍ରି ବି କରିହେବ। ଆଉ ଗାଁ ବାହାରକୁ ଯିବା କଥା ମନରେ ଆସିବ ନାହିଁ।"



ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍ ତରଫରୁ କରାଯାଇଥିବା ପେଡାଲ୍ ପମ୍ପ କମିଟୀ ଯଦୁଙ୍କୁ ବି ଜଣେ ହିତାଧିକାରୀ ଭାବେ ଚୟନ କରି ତାଙ୍କ ବାଡିରେ ଏକ ପେଡାଲ୍ ପମ୍ପ ବସାଇଛନ୍ତି। ଚଳିତ ବର୍ଷ ସେ କଦଳୀ, ଭଣ୍ଡା, ଜହ୍ନି, ବାଇଗଣ, ବିଲାତି ଆଳୁ, ବିଭିନ୍ନ ପ୍ରକାର ଶାଗ ଆଦି ପରିବା ଚାଷ ପୁର୍ନବାର ଆରମ୍ଭ କରିଛନ୍ତି। ନିଜ ପରିବା ଚାଷ ସମ୍ପର୍କରେ ଯଦୁ କୁହନ୍ତି, "ଆଗରୁ ପରିବା ଚାଷରେ ପାଣି ମଡାଇବା ପାଇଁ ମତେ ବିଜୁଳୀ ଚାଳିତ ମଟର ଉପରେ ନିର୍ଭର କରିବାକୁ ପଡୁଥିଲା। ବିଜୁଳି ମଟର ଗାଁରେ ମିଳୁଥିଲେ ବି ଘଣ୍ଟାକୁ ଟ୬୦/-ଙ୍କା ଭଡା ପଡୁଥିଲା। ସେ ପୁଣି ଆବଶ୍ୟକ ସମୟରେ ମିଳିବା କଷ୍ଟ। ବେଳେ ବେଳେ ମଟର ପାଇଁ ତିନି-ଚାରି ଦିନ ପର୍ଯ୍ୟନ୍ତ ଲାଇନ୍‌ରେ ରହିବାକୁ ପଡୁଥିଲା। ଅଧିକ ଆବଶ୍ୟକ ସମୟରେ ଭଡା ଘଣ୍ଟାକୁ ଟ୧୦୦/-ଙ୍କା। ସେ ପୁଣି ମିଳିବକି ନା କିଛି ଠିକ୍ ନଥାଏ। ଏହି ଭଳି ମୋର ଦୁଇ ବର୍ଷର ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା। ବର୍ତ୍ତମାନ ଟିକେ ଆଶ୍ୱସ୍ତ ଲାଗୁଛି। ମୋ ବାଡିରେ ପେଡାଲ୍ ପମ୍ପ ବସିଛି। ଏହାକୁ ମୁଁ ନଚେତ୍ ମୋ ସ୍ତ୍ରୀ ଯେ କେହି ବି ସହଜରେ ଚଳେଇ ପାରୁଛୁ। ଯଥା ସମୟରେ ପେଡାଲ୍ ପମ୍ପ ଦ୍ୱାରା ସହଜରେ ପାଣି ମଡେଇ ପାରୁଛୁ।"

କାମ ପାଇଁ ଆଉ ବାହାରକୁ ଯିବାକୁ ପଡିବ କି ବୋଲି ପ୍ରଶ୍ନର ଉତ୍ତର ଦେଇ ଯଦୁ କୁହନ୍ତି, "ଯଦି ନିଜ ଘର ବାଡିରେ ଭଲରେ ଦିଟା ପନିପରିବା ହେଲା ତେବେ କାହିଁରେ କ'ଣ ? ପର ପାଖରେ ମୁଣ୍ଡ ବିକି ଚାକିରୀ କରିବାକୁ ଆଉ ବାହାରକୁ କାହିଁକି ଯିବି ? ପୁଅକୁ ବି ବୁଝାଉଥିଲି ତୁ ଘରକୁ ପଳେଇ ଆସେ। ଆମେ ଅଧିକ ଜାଗାରେ ପରିବା ଚାଷ କରିବା ଆଉ ଶାନ୍ତିରେ ରହିବା। ଗୋଟେ ବୋଲି ପୁଅ ସେ ବାହାରକୁ ଚାଲିଗଲାରୁ ମନଟା ବି ଭଲ ଲାଗୁନି। ସେ ମତେ କହିଲା, 'ତମେ ତ ଜାଣ, ଆମକୁ ଇନ୍ଦିରା ଆବାସ ଘର ମିଳିବା



କେତେ କଷ୍ଟ। ସେ ସରପଞ୍ଚ ଥିବା ଯାଏଁ ଆମକୁ ମିଳିବ କି ନାହିଁ; ତେଣୁ ତମେ ଘରେ ଥାଅ, ଆଉ ଧାନ ଓ ପରିବା ଚାଷ କରୁଥାଏ। ମୁଁ ଆଉ କିଛି ଦିନ ଏଠି ରହି ପଇସା ପତ୍ର ଟିକେ ସଞ୍ଚୟ କରେ। ଘର ଖଣ୍ଡେ ନିଜ ବଳରେ କରିବା। ତା'ପରେ ମୁଁ ଗାଁକୁ ପଳେଇବି।' ମୁଁ ଆଉ ତାକୁ ଜୋର କରି ନାହିଁ। ଏଇ ଦୁଇ ମାସ ତଳେ ସେ ଘରକୁ ଆସିଥିଲା ଆଉ ମତେ ଟ୨୦,୦୦୦/-ଙ୍କା ଦେଇ ଘର କାମଟା ଆରମ୍ଭ କରିଦେଇ ଯାଇଛି। ଯଦି ଏଇ ବର୍ଷ ପରିବା ଚାଷ ଟିକେ ଭଲ ହେଲା ତେବେ ଘର କାମ ବି ଶୀଘ୍ର ସରିଯିବ।"

ତେବେ ଏଠାରେ ଏତିକି କୁହାଯାଇପାରେ ଯେ, ପେଡାଲ୍ ପମ୍ପ ନିଶ୍ଚିତ ଭାବେ କିଛି ଚାଷୀଙ୍କ ମନରେ ନୂଆ ଆଶା ସଂଚାର କରିଛି। ଆଉ କାମ ପାଇଁ ଗାଁ ବାହାରକୁ ନଯିବାକୁ କିଛି ମାତ୍ରରେ ଲୋକଙ୍କ ମନରେ ଜାଗରଣ ସୃଷ୍ଟି କରିପାରିଛି।

# ‘ପେଡାଲ୍ ପମ୍ପ ହେଉଛି ମୋ ସାହା ଭରଷା’

ଦୁନିଁଆର ଅଧିକାଂଶ ଲୋକ ଅପେକ୍ଷା କରିଥା'ନ୍ତି ଆସନ୍ତାକାଲିର ଏକ ସୁନ୍ଦର ସକାଳ, ଯାହାକି ସେମାନଙ୍କ ଜୀବନରେ ଏକ ସକରାତ୍ମକ ମୋଡ଼ ଆଣିବ। ଖୁବ୍ ଅଳ୍ପ ଲୋକ କର୍ମ ବିଶ୍ୱସୀ ଓ ସାହାସୀ ଥା'ନ୍ତି; ଯେଉଁମାନେ ନା ଡରନ୍ତି କାଲିର ସମ୍ଭାବ୍ୟ କ୍ଷତିକୁ ନା ଲଟେରୀ ଟିକେଟ୍‌ରେ ଅନେକ୍ କିଛି ସ୍ୱପ୍ନ ଦେଖନ୍ତି। ସେମାନେ ନିଜର ସ୍ୱଳ୍ପ ସମ୍ବଳ ଓ ନିଜର କଠିନ ପରିଶ୍ରମ ବଳରେ ନିଜ ସ୍ଥିତି ସୁଧାରିବାରେ ବ୍ରତୀ ଥା'ନ୍ତି। ସେମିତି ଜଣେ ନାମମାତ୍ର ଚାଷୀ ହେଉଛନ୍ତି କାଳୀ ପାତ୍ର।

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ୍ ଅନ୍ତର୍ଗତ ବଉଳକଣୀ ଗ୍ରାମର କାଳୀ ତାଙ୍କ ସ୍ତ୍ରୀ, ଦୁଇ ଝିଅ ଓ ଗୋଟିଏ ପୁଅକୁ ନେଇ ବସବାସ କରନ୍ତି। ରୋଜଗାର ବୋଲି ଏକ ଏକରରୁ କମ୍ ଚାଷ ଜମି। ପ୍ରତି ବର୍ଷ ମୌସୁମୀ ବର୍ଷାକୁ ପାଥେୟ କରି ଥରେ ମାତ୍ର ଯାହା ଧାନ ଚାଷ କରନ୍ତି। ଏହା ବ୍ୟତିତ ପାଣି ଅଭାବରୁ ସେ ଜମିରେ ଅନ୍ୟ କିଛି ହୁଏ ନାହିଁ। ଘରବାଡି ଜାଗାଟି ୧୦ ଡିସିମିଲ୍ ଜାଗାରେ ସୀମିତ। ତେବେ ସେଥିରୁ ପ୍ରାୟ ୩ ଡିସିମିଲ୍‌ରେ ପାଞ୍ଚ ପ୍ରାଣୀ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ କରିଛନ୍ତି। ଆଉ ବଳକା ୭ ଡିସିମିଲ୍ ଜାଗାରୁ ପ୍ରାୟ ଦେଢ ଡିସିମିଲ୍‌ରେ ପୋଖରୀ ଗୋଟେ ଅଛି। ଘରବାଡିରେ କେବଳ ଗୋଟେ ସଜନା ଗଛ ଛଡା ଆଉ କିଛି ନଥିଲା। ପୋଖରୀଟି ଖରାଦିନେ ଶୁଖିଯାଉଥିବାରୁ ଶାଗ ମୁଠେ ବି ବୁଣି ପାରନ୍ତି ନାହିଁ।

**ଯଦି ଘରକୁ କେହି ବନ୍ଧୁ ଆସନ୍ତି କିମ୍ବା କୌଣସି ପର୍ବପର୍ବାଣୀ ହୁଏ ତେବେ ଆମ ଘରକୁ ପରିବା କିଣା ହୋଇଆସେ; ନଚେତ୍ ମୋ ପିଲାମାନେ ଆଗରୁ କେବଳ ଭାତ, ଡାଲି, ପିଆଜ ଓ ଲୁଣ ଲଗାଇ ଖାଉଥିଲେ। କିନ୍ତୁ ବର୍ତ୍ତମାନ ମୋ ପିଲାମାନେ ବର୍ଷ ସାରା ଭାତ, ଡାଲି ସହ କିଛି ନା କିଛି ପନିପରିବା ନିଶ୍ଚିତ ଭାବେ ପାଇପାରୁଛନ୍ତି।**

ଏହି ପରିସ୍ଥିତିରେ ସେ ଜାଣିବାକୁ ପାଇଲେ ତାଙ୍କ ଗାଁରେ ଏକ ପେଡାଲ୍ ପମ୍ପ କମିଟୀ ଗଠନ ହୋଇଛି ବୋଲି। ସେ କମିଟୀ ସଦସ୍ୟମାନଙ୍କ ସହ ଯୋଗାଯୋଗ କଲେ ଏବଂ ପେଡାଲ୍ ପମ୍ପ ପାଇଁ ଜଣେ ହିତାଧିକାରୀ ଭାବେ ମନୋନୟନ ହେଲେ। ବାସ୍ ତା'ପରେ ଆଉ ପଛକୁ ଫେରି ଚାହିଁ ନାହାଁନ୍ତି କାଳୀ। ପେଡାଲ୍ ପମ୍ପ ପାଇଁ କାର୍ଯ୍ୟରତ ଆଇ-କନ୍‌ସେପ୍ଟ ଇନିସିଏଟିଭ୍‌ସ୍ ସହଯୋଗରେ ତାଙ୍କ ଘରେ ପେଡାଲ୍ ପମ୍ପ ବସିଲା। ସେଦିନର କଥା ମନେ ପକାଇ କାଳୀ କୁହନ୍ତି, "ମୁଁ ତ କେବେ ଭାବି ନଥିଲି କି ପେଡାଲ୍ ପମ୍ପଟି ଏତେ ଉପଯୋଗୀ। ଏହା ଚଳେଇବା ଏତେ ସହଜ। ମୁଁ ନଥିଲା ବେଳେ ମୋ ସ୍ତ୍ରୀ ବି ଏହାକୁ ଅତି ସହଜରେ ଚଳେଇ ବାଡି ବର୍ଗଚାରେ ପାଣି ମଦେଇପାରୁଛି। ବର୍ତ୍ତମାନ ମୋ ବାଡିରେ ବାଇଗଣ, ବିଲାତି ଆଳୁ, ଅମୃତଭଣ୍ଡା, ବୋଇତି କଖାରୁ, ପାଣି କଖାରୁ, କଞ୍ଚା ଲଙ୍କା, ଆଳୁ, କୋବି, ପୋଇ, ବିଭିନ୍ନ ପ୍ରକାରର ଶାଗ ଆଦି ଅନେକ କିଛି ହେଉଛି। ଘରେ ଆଉ କିଛି ଅଭାବ ନାହିଁ। ମୋ ପିଲାମାନେ ଭଲରେ ଗଣ୍ଡେ ଖାଉଛନ୍ତି ଆଉ ବଳକା ପରିବା ଦି'ଟା ବିକ୍ରି କରି ଭଲ ଦି' ପଇସା ରୋଜଗାର କରିପାରୁଛି।"

ଆହୁରି ନିଜ ପରିଶ୍ରମର ଅନୁଭୂତି ବଖାଣୀ କାଳୀ କୁହନ୍ତି, "ଖରାଦିନେ ପୋଖରୀଟି ଶୁଖିଯାଉଥିବାରୁ ଗଲା ବର୍ଷ ସେ ଆଉ ତାଙ୍କ ସ୍ତ୍ରୀ ମିଶି ଦୁଇ ଫୁଟ ଅଧିକ ଏହାକୁ ଖୋଳିଛନ୍ତି। ଏ

ବର୍ଷ ଖରା ଦିନେ ବି ପାଣି କିଛି ରହିଲା ଏବଂ ସେ ବିଭିନ୍ନ ପ୍ରକାର ଶାଗ ଚାଷ କରିଥିଲେ । ନିଜେ ଘରେ ଖାଇ ମୋଟ ଉପରେ ଟ୨୦୦୦/-ଙ୍କାର କେବଳ ଶାଗ ବିକ୍ରି କରିଛନ୍ତି । ଗଲା ବର୍ଷ ମୋଟ ଉପରେ ସେ ପରିବା ବିକ୍ରି କରି ଟ୧୫,୦୦୦/-ଙ୍କା ଲାଭ ପାଇଛନ୍ତି ।"

କାଳୀ ପାତ୍ର କୁହନ୍ତି, "ଯଦି ଘରକୁ କେହି ବନ୍ଧୁ ଆସନ୍ତି କିମ୍ବା କୌଣସି ପର୍ବପର୍ବାଣୀ ହୁଏ ତେବେ ଆମ ଘରକୁ ପରିବା କିଣା ହୋଇଆସେ; ନଚେତ୍ ମୋ ପିଲାମାନେ ଆଗରୁ କେବଳ ଭାତ, ଡାଲି, ପିଆଜ ଓ ଲୁଣ ଲଗାଇ ଖାଉଥିଲେ । କିନ୍ତୁ ବର୍ତ୍ତମାନ ମୋ ପିଲାମାନେ ବର୍ଷ ସାରା ଭାତ, ଡାଲି ସହ କିଛି ନା କିଛି ପନିପରିବା ନିଶ୍ଚିତ ଭାବେ ପାଇପାରୁଛନ୍ତି । ଚଳିତ ବର୍ଷ ଚିନ୍ତା କରିଛି ପୋଖରୀରେ କିଛି ମାଛ ଜାଆଁଳ ଛାଡିବି ଅନ୍ତତଃ ପିଲାମାନେ ବର୍ଷ ସାରା ଟିକେ ମାଛ ଖାଇବାକୁ ପାଇବେ । ଆଉ ମତେ କିଣିବାକୁ ପଡିବ ନାହିଁ । ସତରେ ! ପେଡାଲ୍ ପମ୍ପ ଆସିବା ପରେ ମତେ ଅନେକ ସାହସ ମିଳିଛି । ଆମ ଘରେ ଆଉ ଅଭାବ ନାହିଁ ।"

# ପେଡାଲ୍ ପମ୍ପ ସମ୍ପର୍କରେ ପଦେ.....

ପେଡାଲ୍ ପମ୍ପଟି ସିମେଣ୍ଟ କଂକ୍ରିଟ, ପିଭିସି ପାଇପରେ ନିର୍ମିତ ହୋଇଥିବାରୁ ଏହା ଦୀର୍ଘ ସ୍ଥାୟୀ, କଳଙ୍କି ବିହୀନ ଓ ସହଜରେ ସ୍ଥାନାନ୍ତରିତ ହୋଇପାରେ। ଏହା ୩୫ କେଜି ବିଶିଷ୍ଟ ମଡେଲ୍ 'ଏ' ଏବଂ ୬୦ କେଜି ବିଶିଷ୍ଟ ମଡେଲ୍ 'ବି' ଭଳି ଦୁଇ ପ୍ରକାର ମଡେଲ୍‌ରେ ଉପଲବ୍ଧ ଅଟେ। ଏହା ପାଦ ଚାଳିତ ହୋଇଥିବାରୁ କୌଣସି ଡିଜେଲ୍ ବା ବିଜୁଳି ଖର୍ଚ୍ଚ ଆବଶ୍ୟକ କରେ ନାହିଁ। ଆଠ ରୁ ନଅ ମିଟର ତଳୁ ଏହା ଅତି ସହଜରେ ଜଳ ଉପରକୁ ଉଠାଇବାରେ ସକ୍ଷମ; ଯାହାକି ଅନ୍ୟ ଯେକୌଣସି ପାରମ୍ପରିକ ପଦ୍ଧତି ଠାରୁ ଯଥେଷ୍ଟ ଅଧିକ। ଏହା ଏକ ମିନିଟ୍‌ରେ ୧ ୨ ୦ ଲିଟର ଜଳ ଉପରକୁ ଉଠାଇବାରେ ସକ୍ଷମ ଅଟେ। ଯଦି ଜଣେ କୃଷକ ଏକ ଘଣ୍ଟା ନିରବଚ୍ଛିନ୍ନ ଭାବରେ ପାଦରେ ଚଳାଇବେ, ତେବେ ପ୍ରାୟ ୭ ୦ ୦ ୦ ଲିଟର ଜଳ ଉପରକୁ ଉଠାଇ ୧ ୦ ରୁ ୧ ୨ ଡିସିମିଲ୍ ଜମିକୁ ଜଳ ସେଚିତ କରିପାରିବେ। ଏହାକୁ ଜଣେ ଚାଷୀ ଅତି ସହଜରେ କୂଅ, ପୋଖରୀ ବା କେନାଲ୍‌ରେ ବ୍ୟବହାର କରିପାରିବେ।

ଦିନକୁ ଦିନ ଭୂତଳ ଜଳରାଶିର ସ୍ତର ଖସି ଖସି ଯାଉଥିବାରୁ ଏହି ପେଡାଲ୍ ପମ୍ପଟି ପରିବେଶ ସନ୍ତୁଳନରେ ସହାୟକ ଅଟେ। ଏହା ପାଦ ଚାଳିତ ହୋଇଥିବାରୁ କୌଣସି ପରିବେଶ ପ୍ରଦୂଷଣର ଭୟ ମଧ୍ୟ ରହେ ନାହିଁ। ଡିଜେଲ୍ ପମ୍ପ ବ୍ୟବହାର ଦ୍ୱାରା ନିର୍ଗତ କାର୍ବନ ମନୋକ୍ସାଇଡ୍ ଓ ଅଙ୍ଗାରକାମ୍ଳ ଭଳି ବିଷାକ୍ତ ଗ୍ୟାସ ନିର୍ଗତ ହେଉଥିବା ବେଳେ ପେଡାଲ୍ ପମ୍ପର ବ୍ୟବହାର ଦ୍ୱାରା ଏହାକୁ ରୋକାଯାଇପାରିବ। ଏହି ପେଡାଲ୍ ପମ୍ପଟି ସାମାଜିକ ଦୃଷ୍ଟିରୁ ଦେଖିବାକୁ ଗଲେ ସମସ୍ତଙ୍କ ପାଇଁ ସମାନ। ନିଜ ନିଜର ପରିଶ୍ରମ ଅନୁଯାୟୀ ଜଳ ସେଚନ କରିପାରିବେ। ସାଧାରଣତଃ ଏହା ଖରାପ ହୋଇନଥାଏ; ଏବଂ ଆବଶ୍ୟକ ସମୟରେ କୃଷକ ନିଜେ ଏହାକୁ ସଜାଡି ପାରିବେ।

ଆଇ- କନ୍‌ସେପ୍ଟ ଇନିସିଏଟିଭ୍‌ସ୍

ପ୍ଲଟ୍ ନଂ -୬୨, ଫେଜ୍ -୨, ଅନନ୍ତବିହାର, ପୋଖରୀପୁଟ, ଭୁବନେଶ୍ୱର-୨୦

**E mail-iinitiaitve@yahoo.com**

**www.iinitiative.org**